**ଦୁର୍ଗାପୂଜା ପାଇଁ ପ୍ରସ୍ତୁତି**

**ଖପ୍ରାଖୋଲ, (ଡି.ଏନ.ଏ.):** ଖପ୍ରାଖୋଲ ପ୍ରହରି ମଣ୍ଡପ ଠାରେ ୪୮ତମ ଶାରଦୀୟ ଦୁର୍ଗା ପୂଜା ପାଇଁ ଜୟପ୍ରକାଶ ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଇଁ ପୂଜା କମିଟି ସଭାପତି ପୁରନ୍ଦର ସାହୁ, ସମ୍ପାଦକ ଅଜିତ ହଂସ, କୋଷାଧ୍ୟକ୍ଷଭାବେ ପିଙ୍କୁ ହଂସ ମନୋନୀତ ହୋଇଥିଲେ। ଉପଦେଷ୍ଟା କମିଟିରେ ଜୟପ୍ରକାଶ ରାଉତ, ଅନନ୍ତ ବାରିକ, ଶିବ ରାଉତ, ତେଜରାଜ ଦଣ୍ଡସେନା, ଅନାଲ ପଧାନଙ୍କୁ ମନୋନୀତ କରାଯାଇଛି।

## ସଂକ୍ଷେପରେ

### ସର୍ବଭାରତୀୟ ଆଞ୍ଚଳିକ ବ୍ୟାଙ୍କ ଧର୍ମଘଟ

**ବଲାଙ୍ଗୀର ଅଫିସ, ୨୭।୯:** ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ଅଧିକାରୀ ଓ ସେବା ନିବୃତ୍ତ ସଂଘର ଶତାଧିକ ସଦସ୍ୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ସମ୍ମୁଖରେ ସର୍ବଭାରତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ଆହ୍ୱାନକ୍ରମେ ସୋମବାର ଧାରଣା ଦେଇଥିଲେ। ୫ଦଫା ଦାବି ସହ କୃଷକ ଆନ୍ଦୋଳନକୁ ସମର୍ଥନ କରି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଭାରେ ଅଧିକାରୀ ସଂଘ ସଭାପତି ସଞ୍ଜୀବ ମିଶ୍ର, ସାଧାରଣ ସମ୍ପାଦକ ଶିତିକଣ୍ଠ ମିଶ୍ର, କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପୁଲିନ ମିଶ୍ର, ସେବା ନିବୃତ୍ତ ସଂଘ ସଭାପତି ଦ୍ୱାରିକାନାଥ ପଟେଲ ଓ ସାଧାରଣ ସମ୍ପାଦକ ଯୁଗଳ କିଶୋର ପଟେଲ ସରକାରଙ୍କ ଶ୍ରମିକମାରଣ ନୀତି, କଳା କୃଷି ଆଇନର ସମାଲୋଚନା କରିଥିଲେ। ସଭାରେ ଇଉଟୁବ୍ ଆବାହକ ବିଭୁଦତ୍ତ ମିଶ୍ର, କୃଷକ ସଙ୍ଗଠନ ସଭାପତି ଅରୁଣ ମିଶ୍ର, ଜିଲା କୃଷକ ମହାସଂଘ ସମ୍ପାଦକ ସୌମେନ୍ଦ୍ର ପରିଛା, ଆକାଶ ମିଶ୍ର ଓ ବିଧୁଭୂଷଣ ତ୍ରିପାଠୀ ବକ୍ତବ୍ୟ ଦେଇଥିଲେ।

### ବିବାହିତ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡ଼ା ଅଫିସ,୨୭।୯:** ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ମାନିଗୁଡା ଗାଁର ଜଣେ ଯୁବକ ବେକରେ ଲୁଙ୍ଗି ବାନ୍ଧି ଆତ୍ମହତ୍ୟା କରିଥିବା ତରବୋଡ ଫାଣ୍ଡିରେ ଅଭିଯୋଗ ହୋଇଛି। ଯୁବକ ଜଣକ ଭୁଜବଳ ମାଝି (୩୫)। ସୂଚନା ଯେ, ଭୁଜବଳଙ୍କ ୨ଟି ସ୍ତ୍ରୀ । ପ୍ରଥମ ସ୍ତ୍ରୀଙ୍କୁ ସାମାଜିକ ରୀତିରେ ବିବାହ କରିଥିବା ବେଳେ ଦ୍ୱିତୀୟ ସ୍ତ୍ରୀଙ୍କୁ ପ୍ରେମ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ଦୁଇଟି ପୁଅ ଓ ଝିଅ ରହିଥିବା ବେଳେ ଦ୍ୱିତୀୟଙ୍କର ଗୋଟିଏ ପୁଅ ରହିଛନ୍ତି। ଭୁଜବଳ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଘରକୁ ଆସୁଥିବାରୁ ଦୁଇଜଣ ସ୍ତ୍ରୀ ବାପ ଘରେ ରହୁଥିଲେ। ରବିବାର ସନ୍ଧ୍ୟାରେ ଭୁଜବଳ ଗାଁରେ ବୁଲୁଥିବା ଗ୍ରାମବାସୀ ଦେଖିଛନ୍ତି। ସୋମବାର ସକାଳେ ସିହିନାମୁଣ୍ଡା ଗାଁ ପାଖରେ ବହଲଖୁଟି ଆଟରେ ଥିବା ଏକ ପଳାସ ଗଛରେ ବେକରେ ଲୁଙ୍ଗି ବାନ୍ଧି ଝୁଲୁଥିବା ଦେଖି ଗାଁର ଲୋକେ ତରବୋଡ ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କୋମନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୧) ରୁଜୁ ହୋଇଛି।

### ଡ୍ରାଇଭର ସଂଘ ବୈଠକ

**କୋକସରା,୨୭।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। କମଳ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଗୋକୁଳ ନାଏକ, ମୁଖ୍ୟବକ୍ତା ବରାଡଙ୍ଗା ସମିତି ସଭ୍ୟା ସକୁନ୍ତଳା ଚଲାନ, ସମ୍ମାନିତ ଅତିଥି କୋକସରା ବ୍ଲକ ଡ୍ରାଇଭ ସଂଘ ଏଡମିନ୍ ଚଇ ବେମାଲ, ବୃନ୍ଦା ଦୁର୍ଗା, ଶରତ ଭଏଁଷାଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଡ୍ରାଇଭ ସଂଘ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କମଳ ରାଉତ, ସାଧାରଣ ସମ୍ପାଦକ ହେମନ୍ତ ନାଏକ, କୋଷାଧକ୍ଷ ଥବିର ନାଏକ, ଉପସଭାପତି ନବାବ ଦାସ, ସହସମ୍ପାଦକ ତୁଲସୀ ମାଝିଙ୍କୁ ମନୋନୀତ କରାଯାଇଥିଲା।

### ଲକ୍ଷେଘର ଗଣ୍ଡା ସମାଜର ନୂଆଁଖାଇ ଭେଟଘାଟ

**ଲାଠୋର, ୨୭।୯(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ମସିଣା ଲକ୍ଷେଘର ଗଣ୍ଡା ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ଉପଖଣ୍ଡ ମଣ୍ଡଳସ୍ତରୀୟ ସଭାପତି ଦିକସନ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଖପ୍ରାଖୋଲ ବ୍ଲକ ସଭାପତି ଛିନୁ ଟାକରି, ମୋହନ ସୁନା ଏବଂ ଲବ ସୁନା ମଞ୍ଚାସୀନ ଥିଲେ। ପଞ୍ଚୁ କୁମ୍ଭାର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରଗଡ ଜିଲା ପାଇକମାଲ ଏବଂ ନୂଆପଡା ଜିଲା କୋମନା ବ୍ଲକ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ କୁରେ ପତ୍ରରେ ନୂଆଁଖାଇ ଆୟୋଜନ କରାଯାଇଥିଲା। ଅତିଥିମାନେ ଦଳିତ ସମାଜ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର କିପରି ଲୋପ ପାଇବ ଏବଂ ସମାଜ ତୃଣମୂଳ ସ୍ତରରୁ ସୁଦୃଢ ହେବ ତାହା ଉପରେ ମତ ରଖିଥିଲେ।

# ‘ଅନ୍ନଦାତାଙ୍କୁ ହତାଦର ମହଙ୍ଗା ପଡ଼ିବ’

- ଚାଷୀଙ୍କ ଆନ୍ଦୋଳନକୁ ମିଳିଲା ବିପୁଳ ସମର୍ଥନ
- ଦୋକାନ ବଜାର, ଅଫିସ, ବ୍ୟାଙ୍କ, ସ୍କୁଲ କଲେଜ, ଗାଡ଼ି ଚଳାଚଳ ବନ୍ଦ
- ବଲାଙ୍ଗୀରରେ ଜିଲାପାଳ ଅଫିସକୁ ଧସେଇ ପଶିଲେ ଆନ୍ଦୋଳନକାରୀ
- ତିନି କୃଷି ଆଇନ ପ୍ରତ୍ୟାହାର ନ ହେଲେ ଆଗକୁ ଆନ୍ଦୋଳନ ତେଜିବ

**ବଲାଙ୍ଗୀର ଅଫିସ, ୨୭।୯**


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଚାଷୀ ସଂଗଠନ ପକ୍ଷରୁ ପ୍ରତିବାଦ ସଭା କରାଯାଉଛି।

ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ଜନସମର୍ଥନ ମିଳିଛି। ବଲାଙ୍ଗୀର ଜିଲାର ବଲାଙ୍ଗୀର, ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି ସହରାଞ୍ଚଳ ସମେତ ଅନେକ ବ୍ଲକ ମୁଖ୍ୟାଳୟ ଓ ଗ୍ରାମାଞ୍ଚଳରେ ବନ୍ଦ ପାଳନ ସଫଳ ହୋଇଛି। ବନ୍ଦ ଯୋଗୁଁ ସୋମବାର ସମସ୍ତ ଦୋକାନ ବଜାର, ଯାନବାହନ ଚଳାଚଳ, ସରକାରୀ ଅଫିସ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ, ହୋଟେଲ ଶିଳ୍ପ ଓ ସ୍କୁଲ କଲେଜ ବନ୍ଦ ରହିଥିଲା। ମିଳିତ ଚାଷୀ ସଙ୍ଗଠନ, ଜିଲା କିଶାନ କଂଗ୍ରେସ, ଜଳ କିଶାନ ଆନ୍ଦୋଳନ ଏବଂ ଏଆଇଡିଏସ୍‌ଓ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ହୋଇଥିଲା।

ସକାଳୁ କଂଗ୍ରେସ କର୍ମୀ ଓ ଆନ୍ଦୋଳନକାରୀ ବଲାଙ୍ଗୀର ରେଲଷ୍ଟେଶନରେ ଇସ୍ପାତ ଏକ୍ସପ୍ରେସକୁ ଅଟକାଇ ଥିଲେ। ମିଳିତ ଚାଷୀ ସଙ୍ଗଠନ ସଦସ୍ୟମାନେ ଡାକଘର ଓ ବିଭିନ୍ନ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ। ଚାଷୀନେତା ଯତି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମିଳିତ ଚାଷୀ ସଙ୍ଗଠନ ସଂଯୋଜକ ଆକାଶ ମିଶ୍ର, ଜିଲା କୃଷକ ମହାସଂଘ ସଭାପତି ସମ୍ପାଦକ ସୌମେନ୍ଦ୍ର ପରିଛା, ଜିଲା କୃଷକ ସଙ୍ଗଠନ ସଭାପତି ଅରୁଣ ମିଶ୍ର, କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଅଣ୍ଟୁ ସଙ୍ଗଠନର ସୁରୁଲାଲ ମଟାରୀ, ୟୁନାଇଟେଡ୍ ଟ୍ରେଡ ୟୁନିୟନ୍‌ର ବିଭୁଦତ୍ତ ମିଶ୍ର, ଆଇଏନ୍‌ଟିୟୁସିର କୃଷ୍ଣଚନ୍ଦ୍ର ସାହୁ, ବିଏସ୍‌ପିର ଦୌଣ କୁମ୍ଭାର କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ଆଇନ ବିରୋଧରେ ଗର୍ଜିଥିଲେ। ତିନି କଳା କୃଷି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ, ଏହି ଆନ୍ଦୋଳନ କେବଳ କୃଷକ ମାନଙ୍କର ନୁହେଁ। କେନ୍ଦ୍ରର କଳା କୃଷି ଆଇନ ଦେଶର ୧୩୦ କୋଟି ଲୋକଙ୍କୁ ପ୍ରଭାବିତ କରୁଛି। ପ୍ରତିବାଦ ସଭା ଚାଲିଥିବାବେଳେ ଜିଲାପାଳ କାର୍ଯ୍ୟାଳୟରେ ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟମାନେ କାମ କରୁଥିବା ଖବର ପାଇବାରୁ ଆନ୍ଦୋଳନକାରୀ ଜିଲାପାଳଙ୍କ ଅଫିସ ପ୍ରକୋଷ୍ଠକୁ ଧସେଇ ପଶିଥିଲେ। ଜିଲାପାଳ ଭାବେ ନୁହେଁ ବରଂ ଜିଲା ମାଜିଷ୍ଟ୍ରେଟ୍ ଭାବେ ସେ ଜରୁରୀକାଳୀନ କାର୍ଯ୍ୟ କରୁଛନ୍ତି। ଅନ୍ୟ କୌଣସି ଅଫିସ କାମ ହେଉନାହିଁ ବୋଲି କହିଥିଲେ। ଏହାପରେ ସେଠାରୁ ଆନ୍ଦୋଳନକାରୀ ଫେରି ଆସିଥିଲେ।



ଜୁନାଗଡରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ସଇଁତଳା(ଡି.ଏନ.ଏ.):** ସଇଁତଳା ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝୀଙ୍କ ଆବାହକତ୍ୱକ୍ରମେ ଦଳୀୟ କର୍ମୀ ଓ ଚାଷୀମାନେ ପିକେଟିଂ କରି ଦୋକାନ ବଜାର, ସରକାରୀ, ବେସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ବନ୍ଦ କରିଥିଲେ। ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, କିଶାନ କଂଗ୍ରେସ ସଭାପତି ଉତ୍ତମ ପଟେଲ, ରଜତ ପଟ୍ଟନାୟକ, ସୁବ୍ରତ ବେହେରା, ଆନ୍ଦୋଳନରେ ସାମିଲ ଥିଲେ।

**ବେଲପଡା(ଡି.ଏନ.ଏ):** ବେଲପଡା କୃଷକ ସଂଗଠନ, ବ୍ଲକ କଂଗ୍ରେସ, କୋଶଳ କମିଟି ସମର୍ଥନରେ ବେଲପଡା ବନ୍ଦ ପାଳନ କରାଯାଇଛି। କଂଗ୍ରେସ ବ୍ଲକ ସଭାପତି ଦୟା ମହାଖୁଡ, କୃଷକ ସଂଗଠନ ସଭାପତି କନ୍ଦର୍ପ ଦନ୍ତାଙ୍କ ନେତୃତ୍ୱରେ ବେଲପଡା ସହରରେ ପିକେଟିଂ କରାଯାଇଥିଲା। ଦୋକାନ ବଜାର, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ବ୍ଲକ, ତହସିଲ ଅଫିସ ବନ୍ଦ ରହିଥିଲା। ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ କୃଷି ବିଲ୍ ପ୍ରତ୍ୟାହାର କରିବା ସହ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିର ସମାଲୋଚନା କରାଯାଇଥିଲା।

**ଦେଓଗାଁ(ଡି.ଏନ.ଏ):** ଦେଓଗାଁ ବ୍ଲକ ମୁଖ୍ୟାଳୟରେ ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ ବ୍ଲକ ମୁଖ୍ୟାଳୟରେ ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନକୁ ପିକେଟିଂ କରି ବନ୍ଦ କରାଯାଇଥିଲା। ପରେ ବରଗଡ-ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥ ବସଷ୍ଟାଣ୍ଡରେ କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଚାଷୀ ମାରଣନୀତିର ନିନ୍ଦା କରିଥିଲେ। ସମିତିସଭ୍ୟ ଜନ୍ମେଜୟ ସାହୁ, ବ୍ଲକ କଂଗ୍ରେସ କିଷାନ ସେଲ ସଭାପତି ପ୍ରଦ୍ୟୁମ୍ନ କିଶୋର ସାହୁ, ଯୁବ କଂଗ୍ରେସ ସଭାପତି ସମୀର ସାହୁ, ପିଣ୍ଟୁ ବେହେର ଉପସ୍ଥିତ ଥିଲେ।

**ଖପ୍ରାଖୋଲ,(ଡି.ଏନ.ଏ.):** ଖପ୍ରାଖୋଲରେ ଜିଲା କୃଷକ ମହାସଂଘ ଏବଂ କଂଗ୍ରେସ ଦଳ ତରଫରୁ ପିକେଟିଂ କରି ଦୋକାନ ବଜାର କରାଯାଇଥିଲା। କ୍ଷମାନିଧି ଭୋଇ, କନ୍ଦର୍ପ ସୁଆର, ଜୟନ୍ତ ପାଲ ମେହେର, ଶତ୍ରୁଘ୍ନ ନାଏକ, ଗଜରାଜ ନାଗ, କଂଗ୍ରେସ ତରଫରୁ ପିଙ୍କୁ ସାହୁ, ପ୍ରଦୀପ ସାହୁ, ଟିକେଟା ପଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଲୋଇସିଂହା,(ଡି.ଏନ.ଏ):** ଲୋଇସିଂହା ଓ ଆଗଲପୁର ବ୍ଲକରେ ସରକାରୀ, ବେସରକାରୀ ଅନୁଷ୍ଠାନ ଦୋକାନ ବଜାର ବନ୍ଦ ରହିଥିଲା। ଲୋଇସିଂହାରେ ନବନିର୍ମାଣ କୃଷକ ସଂଗଠନ ଓ ଅନ୍ୟ କୃଷକ ସଂଗଠନ ବନ୍ଦ ପାଳନରେ ସାମିଲ ହୋଇଥିଲେ। ବନ୍ଦକୁ ଲୋଇସିଂହା ବ୍ଲକ କଂଗ୍ରେସ ସମର୍ଥନ ଜଣାଇଥିଲା। ନବ ନିର୍ମାଣ ଜିଲା ସଂଯୋଜକ ହିମାଂଶୁ ଶେଖର ସାହୁ, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ସହ ବହୁ ଚାଷୀନେତା ହୋଇଥିଲେ। ଆଗଲପୁରରେ ବ୍ଲକ କଂଗ୍ରେସ ସଭାପତି ମନମୋହନ ପଟେଲ ବନ୍ଦର ନେତୃତ୍ୱ ନେଇଥିଲେ।

**ଟିଟିଲାଗଡ଼, (ଡି.ଏନ.ଏ):** ଟିଟିଲାଗଡରେ କଂଗ୍ରେସ ଦଳ ପକ୍ଷରୁ ଆଇନଜୀବୀ ତୁଳସି ସାହୁ, ବୀରେନ୍ଦ୍ର ବାଗ, ସାରଙ୍ଗ ବାଗ ସ୍ଥାନୀୟ ଅଦାଲତ ସମ୍ମୁଖରେ ପିକେଟିଂ କରିଥିଲେ। ଏଥିଯୋଗୁଁ ବିଚାରପତିମାନେ କୋର୍ଟ କାମ କରି ନ ପାରି ଫେରିଯାଇଥିଲେ। ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମୁକେଶ ଜୈନ, ଡମ୍ବରୁ ଛତ୍ରିଆ, ଦେବାନନ୍ଦ ସାହୁ, କ୍ଷୀର ସାଗର ବର୍ମା, ବ୍ଲକ ସଭାପତି ବିକାଶ ପାଣିଗ୍ରାହୀ, ବାଳକୃଷ୍ଣ ଷାଣ୍ଢ ଆନ୍ଦୋଳନରେ ସାମିଲ ଥିଲେ।

**ନୂଆପଡ଼ା ଅଫିସ:** ନୂଆପଡା ଏକତା ଛକରେ ଆନ୍ଦୋଳନକାରୀ ପ୍ରତିବାଦ କରିଥିଲେ। ନୂଆପଡା ଜିଲାରେ ଏହାର ଆଂଶିକ ପ୍ରଭାବ ଥିବା ବେଳେ ଦୋକାନ, ବଜାର, ସରକାରୀ, ବେସରକାରୀ କାର୍ଯ୍ୟାନୁଷ୍ଠାନ ଖୋଲାଥିଲା। ଯାନବାହନ ମଧ୍ୟ ଚଳାଚଳ କରୁଥିଲା। ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଜିଲା କିଷାନ ସେଲ ସଭାପତି ଦେବେନ୍ଦ୍ର ସାହୁ, ଉପସଭାପତି ଛଗନ ପଟେଲ, ଭୀମ ଯାଦବ, କୁଳଦୀପ ସୁରଜ, ଜଗଦୀଶ ସାହୁ, ମୋତି ରାୱାଲ, ଇସାକ ଖାନ, ଖାମସିଂ ମାଝି ପ୍ରମୁଖ ସାମିଲ ରହିଥିଲେ।

**ଜୁନାଗଡ,(ଡି.ଏନ.ଏ.):** ଜୁନାଗଡ ସହରରେ କୃଷିଜୀବୀ କଲ୍ୟାଣ ସଂଘ, ଏଆଇଏସଏଫ୍, କଂଗ୍ରେସ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନ ଭାରତ ବନ୍ଦରେ ସାମିଲ ହୋଇଥିଲେ। ସେମାନେ ସହରରେ ଶୋଭାଯାତ୍ରା କରି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ସହର ଦୋକାନବଜାର ବନ୍ଦ ରହିଥିଲା। କୃଷିଜୀବୀ କଲ୍ୟାଣ ସଂଘ ଆବାହକ ବିଶ୍ୱନାଥ କର, ସଭାପତି ଲକ୍ଷ୍ମଣ ରଣବୀର, ଶ୍ରମିକ ସଙ୍ଗଠନ ସଭାପତି ଶିଶିର ପଟ୍ଟନାୟକ, ନଗର କଂଗ୍ରେସ ସଭାପତି କୈଳାସ ଅଗ୍ରୱାଲ, ପ୍ରଭାତ ଦାଶ, ସିପିଆଇ ନେତା ଦାମୋଦର ବେହେରା ସାମିଲ ଥିଲେ।

**କୋକସରା,(ଡି.ଏନ.ଏ.):** କୋକସରାରେ କୃଷକ ସଚେତନ ମଞ୍ଚ ସମେତ ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ସଚେତନ ମଞ୍ଚ ଆବାହକ ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ମିନିକେତନ ପ୍ରଧାନୀ, ଜୟଲାଲ ନାଏକ, ଧବଳେଶ୍ୱର ନାଗ, ରମେଶ ଚନ୍ଦ୍ର ଦୁର୍ଗା ଉପସ୍ଥିତ ଥିଲେ। କଂଗ୍ରେସ ବ୍ଲକ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଜିଲା ଯୁବମୋର୍ଚ୍ଚା ଉପ ସଭାପତି ଲିଙ୍ଗରାଜ ବେହେରା ସାମିଲ ହୋଇଥିଲେ।


ନୂଆପଡା ଏକତା ଛକଠାରେ ଜିଲା କଂଗ୍ରେସ ବିକ୍ଷୋଭ କରୁଛି।

**ଲାଞ୍ଜିଗଡ଼,(ଡି.ଏନ.ଏ.):** ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରଠାରେ ବ୍ଲକ କଂଗ୍ରେସ ସଭାପତି ହରିହର କୁମାର, ବ୍ଲକ ସିପିଆଇଏମ୍ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ନେତୃତ୍ୱରେ ବିଜେପୁର ଛକରେ ରାସ୍ତାରୋକୋ କରାଯାଇଥିଲା। ସକାଳୁ ଶ୍ରମିକ ସଂଘ ସଭାପତି ସଞ୍ଜୀବ ପେସନିଆ ଓ ସଂଘ ଅନ୍ୟ କର୍ମକର୍ତ୍ତାମାନେ ଲାଞ୍ଜିଗଡ ସହରରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ବେଦାନ୍ତ ମୁଖ୍ୟ ଫାଟକ ବନ୍ଦ ହେବା ପରେ କୌଣସି କର୍ମଚାରୀ ଓ ଶ୍ରମିକ ଭିତରକୁ ଯାଇପାରି ନ ଥିଲେ।

## ଇନ୍‌ଟେକ୍ ପକ୍ଷରୁ ଐତିହ୍ୟ କୁଇଜ୍ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୨୭।୯**


ଇନ୍‌ଟେକ୍ ଐତିହ୍ୟ କୁଇଜ୍‌ର କୃତି ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ଇନ୍‌ଟେକ୍ ବଲାଙ୍ଗୀର ଚାପଟର ପକ୍ଷରୁ ଐତିହ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ପିପି ଏକାଡେମୀ ଠାରେ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ୧୬ଟି ସ୍କୁଲର ୧୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରୁ ୧୬ଟି ସ୍କୁଲର ୧୬ ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ଆଇଡିଏମ୍ ପବ୍ଲିକ୍ ସ୍କୁଲର ଅମରେଶ କୁମାର ସାହୁ ପ୍ରଥମ, ବଲାଙ୍ଗୀର ପବ୍ଲିକ୍ ସ୍କୁଲର ଆର୍ଯ୍ୟାନ ବାଇ ଦ୍ୱିତୀୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆକାଂକ୍ଷା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷାବିତ୍ ଡ. ଶିବପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଇନ୍‌ଟେକ୍ ବଲାଙ୍ଗୀର ଚାପଟର ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ଓ ପିପି ଏକାଡେମୀ ପ୍ରଧାନ ଶିକ୍ଷକ ସିନୁସୁନ୍ଦର ପାଢ଼ୀ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ତିନି ପ୍ରତିଯୋଗୀ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

## ୩୬ ଘଣ୍ଟା ପରେ ପ୍ରେମୀଯୁଗଳଙ୍କ ପତ୍ତା ମିଳିନି

**ନୂଆପଡ଼ା ଅଫିସ,୨୭।୯:** ନୂଆପଡା ଜିଲା ଧରମବନ୍ଧା ଥାନା ସୁନାବେଡା ଅଭୟାରଣ୍ୟସ୍ଥିତ ଗୋଧସ ଜଳ ପ୍ରପାତକୁ ରବିବାର ପ୍ରେମୀଯୁଗଳ ଡେଇଁ ନିଖୋଜ ହୋଇଛନ୍ତି। ୩୬ ଘଣ୍ଟା ବିତିଥିଲେ ମଧ୍ୟ ସେମାନଙ୍କ କୌଣସି ଖବର ମିଳିନାହିଁ। ୧୦ ଦିନ ବ୍ୟବଧାନରେ ଦୁଇଟି ଅଘଟଣ ଘଟିଥିଲେ ମଧ୍ୟ ଜିଲା ପ୍ରଶାସନ କୌଣସି ନିଘା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ରବିବାର ସକାଳେ ପ୍ରେମୀଯୁଗଳ ଜଳ ପ୍ରପାତକୁ ଡେଇଁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଅଗ୍ନିଶମ ବିଭାଗ ଓ ଧରମବନ୍ଧା ଥାନା ପୋଲିସ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିନାହିଁ ।

## ରାସ୍ତା ମରାମତି କଲା ପିଡବ୍ଲ୍ୟୁଡି ବିଭାଗ

**ଧରିତ୍ରୀ ପ୍ରଭାବ**

**ଜୁନାଗଡ,୨୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ-ବଣ୍ଟାକୁତ୍ରା ପିଡବ୍ଲ୍ୟୁଡି ରାସ୍ତା ମରଣଯନ୍ତା ପାଲଟିଥିଲା। ରାସ୍ତାରେ ବଡବଡ ଖାଲଖମା ସୃଷ୍ଟି ହୋଇଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇଁ ଶୁକ୍ରବାର ‘ଧରିତ୍ରୀ’ରେ ଏକ ରିପୋର୍ଟ ପ୍ରକାଶ ଲୋଚନକୁ ଆସିବାରୁ ବିଭାଗ ପକ୍ଷରୁ ଶେଷରେ ତତ୍ପରତା ଦେଖାଦେଇଛି। ସୋମବାର ଏହି ରାସ୍ତା ଖାଲଖମା ହୋଇଥିବା ସ୍ଥାନରେ ବିଭାଗ ପକ୍ଷରୁ ଜେସିବି ସାହାଯ୍ୟରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଯାଇଛି।


ଖାଲଖମା ହୋଇଥିବା ସ୍ଥାନରେ ମରାମତି କରାଯାଉଛି।

## ରକ୍ତଦାନ କରି ଆହତ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇଲେ


ରକ୍ତଦାନ କରୁଛନ୍ତି ରଏବାରୁ ନାଗ।

**ଦେଓଗାଁ,୨୭।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବରକାନୀର ସ୍ୱେଚ୍ଛାସେବୀ ରଏବାରୁ ନାଗ ସୋମବାର ବୁର୍ଲା ଡାକ୍ତରଖାନା ଯାଇ ଜଣେ ଆହତ ବ୍ୟକ୍ତିଙ୍କୁ ବିରଳ ଏବି ପଜିଟିଭ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି । ଆଜକୁ ୪ଦିନ ତଳେ ବରକାନୀ ଗାଁର ଲିଙ୍ଗରାଜ ମାଝୀ ରୁଷୁଡା ନିକଟରେ ବାଇକ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଭୀମ ଭୋଇ ମେଡିକାଲକୁ ପ୍ରାଥମିକ ଚିକିତ୍ସା ପାଇଁ ନିଆଯାଇଥିଲା। ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ତାଙ୍କୁ ଏବି ପଜିଟିଭ ରକ୍ତର ଆବଶ୍ୟକତା ହୋଇଥିଲା । ଖବର ପାଇବା ପରେ ରଏବାରୁ ବୁର୍ଲା ଯାଇ ରକ୍ତଦାନ କରିଥିଲେ।

## ବେଆଇନ୍ କାଠମିଲ ଠାବ

**ବଲାଙ୍ଗୀର ଅଫିସ/ଦେଓଗାଁ/ ଲୋଇସିଂହା, ୨୭।୯ (ଡି.ଏନ୍.ଏ.)**

ବଲାଙ୍ଗୀର ବନବିଭାଗର ଦୁଇଟି ଟିମ୍ ଦେଓଗାଁ ରେଞ୍ଜର ରତନପୁର ଏବଂ ଲୋଇସିଂହା ରେଞ୍ଜର ଗୁଡିମୁଣ୍ଡା ଗାଁରେ ଚଢ଼ାଉ କରି ଗାଡି ସହ ବ୍ୟାପକ ଚୋରାକାଠ ଜବତ୍ କରିଛି। ରତନପୁର ଠାରେ ସକାଳ ୭ଟାରେ ଶାଗୁଆନ୍ ଏବଂ ଶାଳ କାଠଗଣ୍ଡି ତଥା ଚଉକାଠ ବୋଝେଇ ଏକ ପିକ୍‌ଅପ(ନଂ.ଆର୍‌୧୯-ବି-୧୨୧୧)କୁ ଜବତ୍ କରିଥିଲେ। ଏହାର ଅନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ। ଘଟଣାସ୍ଥଳରୁ ଡ୍ରାଇଭର ଏବଂ ଅନ୍ୟମାନେ ଫେରାର ହୋଇଯାଇଥିଲେ। ସେହିପରି ଲୋଇସିଂହା ରେଞ୍ଜ ଆଗଲପୁର ନିକଟ ଗୁଡିମୁଣ୍ଡାଠାରେ ଏସିଏଫ ବାବାଜୀ ରାଉଳଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ୍ ସଦସ୍ୟ ବେଆଇନ୍ କାଠମିଲ ଠାବ କରି ସେଠାରୁ ଚୋରାକାଠ ଜବତ୍ କରିଥିଲେ। ସେଠାରୁ ଏକ ଟ୍ରାକ୍ଟର ଇଞ୍ଜିନ ଏବଂ ୪୦ ସିଏଫ୍‌ଟି କାଠ ଜବତ୍ କରାଯାଇଛି। ଏଠାରେ ଜବତ୍ କାଠର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ତଦନ୍ତ ଜାରି ରହିଛି ବୋଲି ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି।

## ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ


ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆୟୋଜକ ଅନୁଷ୍ଠାନର ସଦସ୍ୟ।

**ପଲମ,୨୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ପଞ୍ଚାୟତ ଦହଲଠାରେ କୁଲତା ଯୁବଶକ୍ତି ଓଡିଶା ପକ୍ଷରୁ ନିଶାମୁକ୍ତି ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନ ରାଜ୍ୟ ସଂଯୋଜକ ଡୋଲାମଣି ପଧାନଙ୍କ ନେତୃତ୍ୱରେ ଓଡିଶା ଯୁବଶକ୍ତି ଦଳ ପହଞ୍ଚିବା ପରେ ଗ୍ରାମ କୁଲତା ସମାଜସ୍ତରୀୟରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଗ୍ରାମକୁ ନିଶାମୁକ୍ତ କରିବା ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଜଗଜ୍ଜୀବନ ନାଏକ ସ୍ୱାଗତ ଭାଷଣ ଦେଇଥିଲେ । କୁଲତା ସମାଜ ବରିଷ୍ଠ ବ୍ୟକ୍ତି ପଦ୍ମଚରଣ ନାଏକ, ଦେବାନନ୍ଦ ପଧାନ, ଗାୟତ୍ରୀ ନାଏକ, ପୂର୍ଣ୍ଣିମା ନାଏକ, ସୁରେଶ କୁମାର ନାଏକ, ଆଶିଷ କୁମାର ନାଏକ, ଗଙ୍ଗାଧର ନାଏକ ନିଶା ନିବାରଣ ସହ ବର୍ତ୍ତମାନ ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ କିପରି ହେବ ସେ ଉପରେ ନିଜର ମତ ରଖିଥିଲେ। କୁଲତା ଯୁବଶକ୍ତି ଓଡିଶା ସାଧାରଣ ସମ୍ପାଦକ ହରିଶ୍ଚନ୍ଦ୍ର ନଏକ, ସଙ୍ଗଠନ ସମ୍ପାଦକ ଜୟନ୍ତ କୁମାର ପଧାନ, ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ସମାଜକୁ ନିଶାମୁକ୍ତ ଓ ସ୍ୱଚ୍ଛ ଗ୍ରାମ ସ୍ୱଚ୍ଛ ସମାଜ ଗଠନ ଉପରେ ବକ୍ତବ୍ୟ ରଖିଥିଲେ। ଠାକୁର ବିବେକାନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଭାବିକ ହେଉନି ବିଦ୍ୟୁତ୍ ଯୋଗାଣ

**ଲାଠୋର, ୨୭।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଗତ ଏକମାସ ହେବ ବିଦ୍ୟୁତ୍ ବିଭ୍ରାଟ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଦୀର୍ଘ ବର୍ଷରୁ ଲାଠୋରରେ ଏକ ଗ୍ରୀଡ ସ୍ଥାପନ କରି ୫ଟି ଫିଡର ଲାଠୋର କଲୋନୀ ପଡା, ବସଷ୍ଟାଣ୍ଡ, ଟଙ୍କପାଣି, ବେନ୍ଦେର ଏବଂ ବାଗଡିଆ ଜରିଆରେ ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ଉପଗୋକ୍ତାଙ୍କୁ ବିଜୁଳି ଯୋଗାଣ କରାଯାଇଛି। ହେଲେ ଦୀର୍ଘବର୍ଷ ହେବ ତାର, ପିନ ଇନସୁଲେଟର, ଡିସ ଇନସୁଲେଟର, କଣ୍ଡକ୍ଟର ଇତ୍ୟାଦି ବଦଳା ଯାଇ ନାହିଁ। ଯେଉଁଠି ସାମଗ୍ରୀ ପୋଡି ଗଲା କିମ୍ବା ଖରାପ ହୋଇଗଲା ହେଲେ ସେଠାରେ ନୂଆ ସାମଗ୍ରୀ ଖଞ୍ଜି ଦେଇ କାମ ଚଲାଇ ଦେଉଛନ୍ତି। ଅଞ୍ଚଳରେ ଥିବା ମୋଟ ଟ୍ରାନ୍ସଫର୍ମର ମଧ୍ୟରୁ ୯୦ପ୍ରତିଶତ ଟ୍ରାନ୍ସଫର୍ମରରେ ଲାଗିଥିବା ଏବି ସୁଇଚ ଖରାପ ହୋଇ କାମ କରୁନାହିଁ। ଫଳରେ କେଉଁଠି କିଛି ଖରାପ ହେଲେ ଗ୍ରୀଡରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି କାମ କରିବାକୁ ପଡୁଛି। ଅପରପକ୍ଷେ ଲାଠୋରରେ ଲାଇନ ମ୍ୟାନ ପଦବୀ ଦୀର୍ଘବର୍ଷରୁ ଖାଲି ପଡିଥିଲେ ମଧ ତାକୁ ପୂରଣ ନକରି ଜଣେ ହେଲପରଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରି କମ୍ପାନୀ ହାତ ବାନ୍ଧି ବସିଛି। ୧୦ ଜଣ ଫିଲ୍ଡ କର୍ମଚାରୀଙ୍କ ଆବଶ୍ୟକତା ରହିଥିବା ବେଳେ କେବଳ ୪ କର୍ମଚାରୀଙ୍କୁ ଟାଟା ପାୱାର କମ୍ପାନୀ ନିଯୁକ୍ତି ଦେଇଛି। ଟିକିଏ ବର୍ଷା ହେଲା ମାତ୍ରେ ବିଭିନ୍ନ ସାମଗ୍ରୀ ଶର୍ଟ ହୋଇ ପୋଡି ଯାଉଛି। କର୍ମଚାରୀ ଅଭାବ ହେତୁ ମରାମତି କଲା ବେଳକୁ ଦିନଦିନ ଲାଗୁଛି। ଫଳରେ ଜଳ ଯୋଗାଣଠାରୁ ଆରମ୍ଭ କରି ଦୋକାନ ବଜାର, ବ୍ୟାଙ୍କ ଏବଂ ସରକାରୀ କାର୍ଯ୍ୟାଳୟରେ ନାନା ସମସ୍ୟା ଦେଖା ଦେଉଛି। ବିଭାଗୟ କର୍ତ୍ତୃପକ୍ଷ ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ଉପଭୋକ୍ତା ମହଲରେ ଦାବି ହେଉଛି।।


ଟ୍ରାନ୍ସଫର୍ମରରେ ଘାସଲତା ମାଡି ଯାଇଛି।

# ଆଜି ଖଣ୍ଡାବସା ପର୍ବ

ଜୁନାଗଡ,୨୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡର ଇଷ୍ଟଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ମଙ୍ଗଳବାର ପାଳିତ ହେବ। କୋଭିଡ୍ କଟକଣା ଯୋଗୁ ଗତବର୍ଷ ଭଳି ଏଥର ମଧ୍ୟ ବିନାଭକ୍ତରେ ପାଳିତ ହେବ। ସୁରକ୍ଷା ଦୃଷ୍ଟିକୁ ରଖି ପ୍ରଶାସନ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୨ଟାରୁ ବୁଧବାର ସକାଳ ୧୦ଟା ପର୍ଯ୍ୟନ୍ତ ମନ୍ଦିରରୁ ୫ ଶହ ମିଟର ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ମନ୍ଦିର ତଥା ପର୍ବରେ କାର୍ଯ୍ୟ କରୁଥିବା ନିର୍ଦ୍ଦିଷ୍ଟ କିଛି କର୍ମକର୍ତ୍ତାଙ୍କୁ ସାମିଲ ପାଇଁ ପ୍ରଶାସନ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ୬ଟାରୁ ୬ଟା ୩୦ ମଧ୍ୟରେ ଖଣ୍ଡାବସା ପର୍ବ ଅନୁଷ୍ଠିତ ହେବ। ଏପରିସ୍ଥଳେ ସୋମବାର ସନ୍ଧ୍ୟାରେ ଦେବୀପୀଠ ଉତ୍ସବ ମୁଖରିତ ହୋଇଛି। କୋଭିଡ୍ କଟକଣା ଅନୁଯାୟୀ ଅନେକ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସିଥିଲେ। ରାତିରେ ଇଷ୍ଟଦେବୀ ମନ୍ଦିର ସମେତ ମୁଖ୍ୟ ଦ୍ୱାର ଓ ଆଖପାଖ ଅଞ୍ଚଳ ଆଲୋକମାଳାରେ ଝଲସି ଉଠୁଛି। ଜୁନାଗଡ ଥାନାର ଭାରପ୍ରାପ୍ତ ଅଧିକାରୀ ଉତ୍ତମ କୁମାର ସାହୁ, ଧର୍ମଗଡ ଏସ୍‌ଡିପିଓ ଧୀରଜ କୁମାର ଚୋପଦାର ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଆଇନଶୃଙ୍ଖଳା ସମ୍ଭାଳିବେ। ସେହିପରି ପ୍ରଶାସନସ୍ତରରେ ସ୍ଥାନୀୟ ତହସିଲଦାର ବେଦବ୍ୟାସ ଭୋଇ ଓ ବିଡିଓ ଦୁଲାରାମ ମାରାଣ୍ଡି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି।






































































**ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ**

ବରଗଡ଼ ଅଫିସ୍: ବରଗଡ଼ ଜିଲା ଭେଡ଼େନ ବ୍ଲକ ଡାଲବ ସେକ୍ଟର ଅଧିନ ଖୁଣ୍ଟୁଲିପାଲି, ବାଲିକୁଲୁଣ୍ଡା, ଦେଶପଥର୍ଲା, ଦେଶଭଟଲି, ଡାଲବ, ଉଦେପୁର, ସାଲନା, ବିଶିପାଲି, କାଣ୍ଡପାଲି ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ପୁଷ୍ଟିକର ଦିବସ ପାଳିତ ହୋଇଛି। ଗର୍ଭବତୀ, ପ୍ରସୂତୀ, ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ନେଇ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀ ପ୍ରମୋଦିନୀ ପଣ୍ଡା, ଯାଜ୍ଞସେନୀ ନାୟକ, ଅଯୋଧ୍ୟା ମଟାରୀ, ଜ୍ୟୋତ୍ସ୍ନାମୟୀ ଛୁରିଆ, ରୀନା ଦତ୍ତା, ଯାଜ୍ଞସେନୀ ଭୋଇ, ନୀଳିମା ଭୋଇ, ଯଶୋବନ୍ତୀ ସାହୁ, ରଞ୍ଜୁଲତା ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ନୂଆଁଖାଇ ଭେଟ୍‌ଘାଟ୍

**ଉଲୁଣ୍ଡା, ୨୭।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମରାଲୋଏ ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସନ୍ତୋଷିନୀ ଭୋଇ, ମୁଖ୍ୟବକ୍ତା ଧର୍ମ ନିରଞ୍ଜନ ପଣ୍ଡା ଯୋଗଦେଇଥିଲେ । ଏହି ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ଏକ ନାଚଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦ ବାରିକ, ନାରାୟଣ ଲୁହା, ଶ୍ରୀଧର ବାଘ ଏବଂ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜକଙ୍କ ତରଫରୁ ହରିଚରଣ ପାଲ, ଶିବୁ ତରାଇ, ନିରୋଧ ପୁରୋହିତ, ଗୋବିନ୍ଦ ତରାଇ, ମନୋରଞ୍ଜନ ଲୁହାଙ୍କୁ ସମ୍ମାନିତ କରାଯାଇଥିଲା।

### ଯୁବକଙ୍କ ମୃତଦେହ ଜବତ

**ବରପାଲି, ୨୭।୯(ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ଥାନା ବନ୍ଧପାଲି ଗ୍ରାମରେ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଗୋକୁଳ ରାଉତ(୨୫)। ଯୁବକ ଜଣକ ନିଜ ଘରେ ବେକରେ ରଶି ଲଗାଇ ପଡ଼ିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରିଥିଲା ଏବଂ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଥିଲା। ଏ ନେଇ ବରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୧) ରୁଜୁ ହୋଇଛି। ଗୋକୁଳ ନିକଟରେ ବିବାହ କରିଥିଲେ ।

### ଟ୍ରେନ୍‌ରେ କଟି ଯୁବକ ମୃତ

**ବରପାଲି, ୨୭।୯(ଡି.ଏନ.ଏ):** ବରଗଡ଼ ଜିଲା ବରପାଲିରୁ ବଲାଙ୍ଗୀର ପଟକୁ ଯାଇଥିବା ରେଳ ଧାରଣାର ଭଟିଗାଁ ପୋଲ ଉପରୁ ସୋମବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ଜଣକ ବରପାଲି ଥାନା ମହଦା ଗ୍ରାମର ରାଜେଶ ବନଛୋର ବୋଲି ଜଣାପଡ଼ିଛି । ବଲାଙ୍ଗୀରରୁ ବରପାଲି ପଟକୁ ଆସୁଥିବା ଇସ୍ପାତ ଏକ୍ସପ୍ରେସରେ କଟି ତାଙ୍କର ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେ ସକାଳୁ ବାଇକ୍ ଯୋଗେ ଘରୁ ବାହାରିଥିଲେ ଏବଂ ଘରକୁ ଆଉ ଫେରି ନ ଥିଲେ । ପରେ ଭଟିଗାଁ ପୋଲ ରେଳଧାରଣାରେ ତାଙ୍କ ମୃତଦେହ ଏବଂ ବାଇକ୍ ପଡିଥିବା ଜଣାପଡ଼ିଥିଲା ।

ବୌଦ୍ଧ ଜିଲାରେ ସ୍ୱାସ୍ଥ୍ୟସେବାର ବିକଳଚିତ୍ର

### ରବିବାର ବନ୍ଦ ରହୁଛି ଡାକ୍ତରଖାନା

**ବାଉଁଶୁଣୀ, ୨୭।୯(ଡି.ଏନ୍.ଏ.):** ବୌଦ୍ଧ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଲୋକେ ଉପଯୁକ୍ତ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ରବିବାର ଡାକ୍ତରଖାନା ବନ୍ଦ ରଖିବା ନିୟମ ନ ଥିଲେ ମଧ୍ୟ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେଭଳି ଦେଖିବାକୁ ମିଳିଥିଲା। ରବିବାର ଅପରାହ୍ଣରେ ଡାକ୍ତରଖାନାରେ ତାଲା ପଡିଥିଲା। କେବଳ ଜଣେ ସୁଇପରଙ୍କୁ ଦେଖିବାକୁ ମିଳିଥିଲା। ଡାକ୍ତରଖାନାରେ ଡ୍ୟୁଟିରେ କିଏ ଅଛନ୍ତି ବୋଲି କହିବାରୁ ସେ ସେବିକା ପ୍ରକୋଷ୍ଠରେ ମୋବାଇଲରେ ଗେମ ଖେଳୁଥିବା ଦୁଇ ଜଣ ନର୍ସଙ୍କ ପାଖକୁ ଆମ ପ୍ରତିନିଧିଙ୍କୁ ନେଇଥିଲେ। ବାଉଁଶୁଣୀ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ୫୭ନଂ. ଜାତୀୟ ରାଜପଥ ଉପରେ ଥିବାରୁ ଅନେକ ଦୁର୍ଘଟଣାରେ ଆହତ ବ୍ୟକ୍ତି ଜରୁରୀ ଚିକିତ୍ସା ପାଇଁ ଆସିଥାଆନ୍ତି। ମାତ୍ର କାହିଁକି ଓପିଡି ବନ୍ଦ ଅଛି ଓ ଡ୍ୟୁଟିରେ ଥିବା ଡାକ୍ତର କୁଆଡେ ଗଲେ ବୋଲି ପଚାରିବାରୁ ଜଣେ ନର୍ସ ଦଉଡି ଯାଇ ନିଜ ସରକାରୀ ବାସଭବନରେ ଥିବା ଆୟୁଷ ଡାକ୍ତର ତୃପ୍ତିରାଣୀ ମିଶ୍ରଙ୍କୁ ଖବର ଦେଇଥିଲେ। ଅନେକ ସମୟ ଅପେକ୍ଷା କରି ଚାଲିଆସୁଥିବାବେଳେ ଡାକ୍ତର ମିଶ୍ର ସେବିକା ପ୍ରକୋଷ୍ଠ ସାମ୍ନାକୁ ଆସି ଆମ ପ୍ରତିନିଧିଙ୍କୁ ଡାକିଥିଲେ। ରବିବାର ଡାକ୍ତରଖାନା ବନ୍ଦ ରହିଥାଏ ବୋଲି କହି କଥା ବାଆଁରାଇ ଥିଲେ। ସିଡିଏମଓ ଅଭୟ ଦାସଙ୍କୁ ଫୋନ ଲଗାଇ ରବିବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅପରାହ୍ଣରେ ବନ୍ଦ ରହେ କି ବୋଲି ପଚାରିବାରୁ ସେ କହିଲେ ନା ବନ୍ଦ ରହେନାହିଁ। ତାପରେ ଡା. ମିଶ୍ରଙ୍କୁ ବୁଝାଇ ଦେବାକୁ କହି ଫୋନ ଧରାଇଥିଲୁ। ଡାକ୍ତର ମିଶ୍ର ସାର୍ ସାର୍ ଚାରି ପାଞ୍ଚ ଥର କହି ଫୋନ କାଟି ଆମକୁ ବଢାଇ ଦେଇଥିଲେ। ବହୁ ଦିନ ଧରି ଗୋଟିଏ ସ୍ଥାନରେ ଥିବା ଅନେକ ଡାକ୍ତର ଓ କର୍ମଚାରୀ ଖାମଖିଆଲ କାମ କରୁଛନ୍ତି। ସେମାନେ ନିଜ କର୍ତ୍ତବ୍ୟରେ ତ ଅବହେଳା କରୁଛନ୍ତି ତା ସହିତ ଭୁଲ ଠିକ ମାନିବା ଅବସ୍ଥାରେ ନାହାନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଏଭଳି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଏସ୍‌ପି ଅଫିସ ଆଗରେ ଧାରଣା



ବରଗଡ଼ ଏସ୍‌ପି ଅଫିସ ଆଗରେ ଭାଜପା ନେତା ଓ କର୍ମୀମାନେ ଧାରଣାରେ ବସିଛନ୍ତି।

**ପୋଲିସ ହେପାଜତରେ ଯୁବକଙ୍କ ମୃତ୍ୟୁ ଘଟଣା**

**ବରଗଡ଼ ଅଫିସ୍, ୨୭।୯**

ବରଗଡ଼ ଟାଉନ ଥାନା ପୋଲିସ ହେପାଜତରେ ଥିବାବେଳେ ତୋରା ତଳିପଡ଼ାର ଯୁବକ ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ତେଜିଛି। ଏହି ପ୍ରସଙ୍ଗରେ ସୋମବାର ଭାଜପା ଏସ୍‌ପି ଅଫିସ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ପି ରାହୁଲ ଜୈନଙ୍କୁ ୭ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛି। ଗୋବିନ୍ଦ ପୋଲିସ ହେପାଜତରେ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବାରୁ ଏହାକୁ ହାଜତ ମୃତ୍ୟୁ ଭାବେ ଘୋଷଣା କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ସେହିପରି ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇପିସିର ଧାରା ୩୦୪, ଏସ୍‌ସିଏସ୍‌ଟି ଆଟ୍ରୋସିଟି ଆକ୍ଟରେ ମାମଲା ରୁଜୁ, ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ତଦନ୍ତ ଭାର ପ୍ରଦାନ ପାଇଁ ରାଜ୍ୟ ସରକାର ସୁପାରିଶ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ମୃତକଙ୍କ ପରିବାରକୁ ସୁପ୍ରିମକୋର୍ଟ ଦ୍ୱାରା ନିର୍ଦ୍ଧାରିତ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ, ମୃତକଙ୍କ ସ୍ତ୍ରୀଙ୍କୁ ସରକାରୀ ସ୍ଥାୟୀ ନିଯୁକ୍ତି, ନାବାଳକ ଶିଶୁଙ୍କ ଭରଣପୋଷଣ ଦାୟିତ୍ୱ ରାଜ୍ୟ ସରକାର ନେବା ଏବଂ ଜିଲାରେ ବହୁ ବର୍ଷ ଧରି ରହି ଆସିଥିବା ପୋଲିସ ଅଧିକାରୀଙ୍କୁ ଅନ୍ୟ ଜିଲାକୁ ବଦଳି କରିବାକୁ ଦଳ ଦାବି କରିଛି । ଏହି ଦାବି ପୂରଣ ନ ହେଲେ ଭାଜପା ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ସୁରେଶ୍ୱର ଶତପଥି, କୁଶ କୁମ୍ଭାର, ଅଶୋକ ପଣ୍ଡା, ସୁବ୍ରତ ହୋତା, ସୁଶାନ୍ତ ମିଶ୍ର, ଅମିତ ପଣ୍ଡା, ଅକ୍ରୁର ମଲ୍ଲିକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

# ଜେସିବି ଚାଳକଙ୍କୁ ଆକ୍ରମଣର ପ୍ରତିବାଦ

**ଥାନା ଘେରିଲା ଜେସିବି ଚାଳକ ସଂଘ**

**ଅମରପାଲି, ୨୭।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ସଦର ନନ୍ଦିଘୋଷ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଏକ ଭଙ୍ଗା ଦୋକାନକୁ ସଫା କରୁଥିବା ବେଳେ ଜଣେ ଜେସିବି ଚାଳକଙ୍କୁ ଆକ୍ରମଣ ହୋଇଛି। ଏଥିସହିତ ଜେସିବିକୁ ଭାଙ୍ଗି ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମତେ ସୋମବାର ସକାଳୁ ଏକ ଭଙ୍ଗା ଦୋକାନକୁ ଏକ ଜେସିବି ସାହାଯ୍ୟରେ ସଫା କରାଯାଉଥିଲା । ସେହି ସମୟରେ ଅବିନାଶ ମହାପାତ୍ର (ବାପି)ନାମକ ଜଣେ ବ୍ୟକ୍ତି ଆସି ଜେସିବିକୁ ଭଙ୍ଗାରୁଜା କରିଥିଲେ। ଅଧିକ ଉତ୍ତ୍ୟକ୍ତ ହୋଇ ଚାଳକ ବଳଦେବ ଥାଟୀଙ୍କୁ ଗାଳିଗୁଲଜ ଓ ପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ. ୧୯୭/୨୧)ରୁଜୁ ହୋଇଥିବା ଏସଆଇ ସୁଦର୍ଶନ ଦେହୁରୀ ପ୍ରକାସ କରିଛନ୍ତି। ପରେ ବୀରମହାରାଜପୁର ବ୍ଲକ ଜେସିବି ଚାଳକ ସଂଘ ସଦସ୍ୟମାନେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଥାନା ଘେରାଉ କରିଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ପରେ ଜେସିବି ଚାଳକ ସଂଘ ଆନ୍ଦୋଳନରୁ ଓହରିଥିଲେ।



ବୀରମହାରାଜପୁର ଥାନାରେ ଜେସିବି ଚାଳକ ସଂଘ ସଦସ୍ୟମାନେ ଥାନା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଭାଜପା ମହିଳା ମୋର୍ଚ୍ଚାର ଚାରାରୋପଣ

**ପାଇକମାଲ, ୨୭।୯(ଡି.ଏନ.ଏ)**

ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ନେତୃତ୍ୱରେ ପାଇକମାଲ କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଓ ସେବା ସମର୍ପଣ ସପ୍ତାହ ପାଳନ କରାଯାଇଛି। ବରଗଡ଼ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ମାତୃନିକେତନର ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ, ଫଳ, ବିସ୍କୁଟ ବଣ୍ଟନ କରାଯାଇଥିଲା। ପରେ ନୃସିଂହନାଥ ମନ୍ଦିର ପ୍ରାଙ୍ଗଣରେ ସଫେଇ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ଜିଲା ଭାଜପା ପ୍ରଭାରୀ ସବିତା ନନ୍ଦ, ମହିଳା ମୋର୍ଚ୍ଚା ଜିଲା ସଭାପତି ସୁନନ୍ଦା ମେହେର, ଜିଲା ସାଧାରଣ ସମ୍ପାଦିକା କୁମୁଦିନୀ ସାହୁ, ଜିଲା ସମ୍ପାଦିକା ସରସ୍ୱତୀ ସାହୁ, ମହିଳା ମୋର୍ଚ୍ଚା ଉପସଭାପତି ରମେଶ ଲୁହାର, ସମିତି ସଭ୍ୟା ବବିତା ପ୍ରଧାନ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁବାଷିନୀ ପ୍ରଧାନ, ପାଇକମାଲ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ଦିଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ବଜ୍ରପାତରେ ୨ ଗାଈ ମୃତ

**ବିନିକା, ୨୭।୯(ଡି.ଏନ. ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡ଼ି ପଞ୍ଚାୟତ କୁକୁଡ଼ାଖୋଲ ଗ୍ରାମରେ ସୋମବାର ବଜ୍ରପାତ ଘଟି ଜଣେ ଚାଷୀଙ୍କ ୨ଟି ଜର୍ସି ଗାଈର ମୃତ୍ୟୁ ଘଟିଛି। କ୍ଷତିଗ୍ରସ୍ତ ଚାଷୀ ହେଲେ ଗାଁର ସଦାଶିବ ଭୋଇ। ଗୋପାଳନ କରି ସଦାଶିବ ପରିବାର ପ୍ରତିପୋଷଣ କରୁଥିଲେ। ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସନ୍ତରଣକାରୀ ଦଳଙ୍କୁ ଅଭିନନ୍ଦନ ଜଣାଇଲେ ଜିଲାପାଳ

**ବୌଦ୍ଧ, ୨୭।୯(ସ୍ୱ.ପ୍ର.)**

ଅନେକ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବୌଦ୍ଧର ସନ୍ତରଣକାରୀମାନଙ୍କୁ ଉତ୍ସାହଜନକ ସଫଳତା ମିଳିଛି। ରାଜ୍ୟ ସନ୍ତରଣ ସଂଘ ପକ୍ଷରୁ ଦୁଇଦିନ ଧରି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ବୌଦ୍ଧ ଜିଲାକୁ ୧୭ଟି ପଦକ ମିଳିଛି। ମିଳିଥିବା ସୂଚନା ମୁତାବକ ପାରା ସନ୍ତରଣକାରୀ ପୂର୍ଣ୍ଣିମା ନାଏକ ପଚାଶ ମିଟର ଫ୍ରିଷ୍ଟାଇଲ, ପଚାଶ ମିଟର ବେକ୍‌ଷ୍ଟ୍ରୋକ୍, ପଚାଶ ମିଟର ବେକ୍‌ଷ୍ଟ୍ରୋକ୍ ଓ ପଚାଶ ମିଟର ବଟରଫ୍ଲାଇରେ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ବିଭିନ୍ନ ବର୍ଗରେ ମନୋଜ କୁମାର ବେହେରା ଦୁଇଶହ ମିଟର ଫ୍ରିଷ୍ଟାଇଲରେ ବ୍ରୋଞ୍ଜ, ସୁନୀତା ସାହୁ ଶହେ ମିଟର ବ୍ରେକଷ୍ଟାକ୍ ବ୍ରୋଞ୍ଜ ଓ ଦୁଇଶହ ମିଟରରେ ରୌପ୍ୟ, ସୁବ୍ରତ ଦଳବେହେରା ଦୁଇଶହ ମିଟର ବେକ୍ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ, ପୃଥ୍ୱୀରାଜ ରାଉତ ଶହେ ମିଟର ବେକ୍ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ, ମନୋଜ କହଁର ଦୁଇଶହ ମିଟର ବ୍ରେକ୍ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ, ହିତେଶ ମହାରଣା ଦୁଇଶହ ମିଟର ଓ ପଚାଶ ମିଟର ବ୍ରେକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ, ପୂର୍ଣ୍ଣତୋୟା ବେହେରା ପଚାଶ ମିଟର ବ୍ରେକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ, ଗଣେଷ ନାୟକ ଶହେମିଟର ବେକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ, ରବି ନାରାୟଣ ବେହେରା ଦୁଇଶହ ମିଟର ବେକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୋମବାର ଜିଲାପାଳ ଲଲାଟେନ୍ଦୁ ମିଶ୍ର ଆବାସିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଉତ୍ସବରେ ଏହି ସନ୍ତରଣକାରୀଙ୍କୁ ଫୁଲତୋଡା ଓ ପଦକ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତ ବଳିୟାରସିଂ, ଜିଲା ସନ୍ତରଣ ସଂଘର ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସାଧାରଣ ସମ୍ପାଦକ ରବିନ୍ଦ୍ର କୁମାର ରାଉତ, ଉପଦେଷ୍ଟା ଶଶାଙ୍କ ଶେଖର ମିଶ୍ର, ମହିଳା ଦଳର ଟିମ ମ୍ୟାନେଜର ଦ୍ରୌପଦୀ ରାଉତ, ସନ୍ତରଣ ପ୍ରଶିକ୍ଷକ ରବି ନାରାୟଣ ବେହେରା, ଅମିତାଭ୍ ବନଛୋର ଓ ନିମାଇଁ ବାଘ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସନ୍ତରଣକାରୀ ଦଳ।

# କୃଷି ଆଇନକୁ ବିରୋଧ, ବନ୍ଦକୁ ସମର୍ଥନ



କୃଷି ଆଇନ ବିରୋଧରେ ବରଗଡ଼ ଗାନ୍ଧୀ ଛକରେ ରାସ୍ତାରୋକୋ।

**ବରଗଡ଼ ଅଫିସ୍, ୨୭।୯**

କେନ୍ଦ୍ର ସରକାରଙ୍କ ୩ନୂଆ କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ସୋମବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ବରଗଡ଼ ଜିଲାରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ସକାଳ ୬ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଜିଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ଦୋକାନ, ବଜାର ବନ୍ଦ ରହିଥିଲା। ସେହିପରି ସରକାରୀ, ବେସରକାରୀ ଦପ୍ତର ଗୁଡ଼ିକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା। କେବଳ ଜରୁରୀକାଳୀନ ସେବା ଯୋଗାଉଥିବା ଅଫିସଗୁଡ଼ିକ ଏଥିରୁ ବାଦ୍ ପଡ଼ିଥିଲା। ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ସମନ୍ୱୟ ସମିତି, ଜୟ କିଶାନ ଆନ୍ଦୋଳନ, ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତି, ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ରାସ୍ତାକୁ ଓହ୍ଲାଇଥିଲେ। ଫଳରେ ଯାନବାହନ ଚଳାଚଳ ଠପ୍ ପଡ଼ିଥିଲା। କଂଗ୍ରେସ, ଆମ ଆଦମୀ ପାର୍ଟି, ସିପିଆଇ ଭଳି ରାଜନୈତିକ ଦଳ ବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ, ଜୟ କିଶାନ ଆନ୍ଦୋଳନ ସଭାପତି ସୁଶୀଲ କୁମାର ସାହୁ, ହର ବଣିଆ, ରମେଶ ମହାପାତ୍ର, ଲକ୍ଷ୍ମଣ ସୁନା ପ୍ରମୁଖ ବରଗଡ଼ ଗାନ୍ଧୀଛକରେ ରାସ୍ତା ଅବରୋଧ କରିଥିଲେ। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ପାଣ୍ଡବ କର୍ଣ୍ଣ, ନିପନ ଦାଶ, ପ୍ରତାପ ନାୟକ ଏବଂ ଅନେକ ଦଳୀୟ କର୍ମୀ ସମର୍ଥନ ଜଣାଇଥିଲେ। ସିପିଆଇ କୃଷକ ଶୋଭାର ଗୁଣନିଧି ଦାଶ, ଆମ ଆଦମୀ ପାର୍ଟି ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ରମେଶ ପତି, ମେରିୟମ ବାର୍ଲା ପ୍ରମୁଖ ବନ୍ଦ ଡାକରାକୁ ସମର୍ଥନ କରିଥିଲେ। କଳାପାଣି ଛକରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ଷଡ଼ାନନ ଭୋଇ, ଲୋକେଶ୍ୱର ପ୍ରଧାନ, ହାରାଧନ ପ୍ରଧାନ, ଏକାଦଶିଆ ସାହୁ, ବୃଷଭାନୁ ସାହୁ, ମାନଭଞ୍ଜନ ପ୍ରଧାନ, ପଲଉ ମାଝି ନେତୃତ୍ୱ ନେଇଥିଲେ। ବିଜେପୁରରେ କୃଷକ ସଙ୍ଗଠନର ସୁବାସ ପ୍ରଧାନ, ଯଦୁମଣି ପଟେଲ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ କଂଗ୍ରେସ ନେତା ଦିଲୀପ ପଣ୍ଡା, ଗୌରହରି ମହାକୁର ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଅତାବିରାରେ ବନ୍ଦ ଡାକରାର ପ୍ରଭାବ ପଡ଼ିଥିଲା। ପଦ୍ମପୁର, ପାଇକମାଲରେ ମଧ୍ୟ ଦୋକାନ, ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପଦ୍ମପୁର ଭେଉଁରିଆ ଛକରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଭେଡ଼େନରେ ଦୋକାନ, ବଜାର ବନ୍ଦ ରହିଥିଲା। ସୋହେଲାରେ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁ ନେତୃତ୍ୱ ନେଇଥିଲେ। ଜିଲାର ଅନ୍ୟ ଅଞ୍ଚଳରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା।

## ବିନା ବିକ୍ଷୋଭରେ ସରକାରୀ କାର୍ଯ୍ୟାଳୟ ବନ୍ଦ

**ବୌଦ୍ଧ, ୨୭।୯(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ଭାରତ ବନ୍ଦର ଆଂଶିକ ପ୍ରଭାବ ଦେଖାଯାଇଥିଲା। ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ନ ଥିବାବେଳେ ସହର ମଧ୍ୟରେ କିଷାନ କଂଗ୍ରେସର ସ୍ୱଳ୍ପ ସଂଖ୍ୟକ ବିକ୍ଷୋଭକାରୀ ଏନ୍‌ଏସି ଛକଠାରେ ରାସ୍ତା ଉପରେ ପାଲ ପକାଇ ଯାନବାହାନ ଅଟକାଇଥିଲେ। ତେବେ ଜିଲାରେ କୌଣସି କୃଷକ ସଙ୍ଗଠନର କର୍ମକର୍ତ୍ତା ବନ୍ଦ ସମର୍ଥନରେ ରାଜରାସ୍ତାକୁ ଓହ୍ଲାଇ ନ ଥିଲେ। ବିକ୍ଷୋଭକାରୀମାନେ ଚିରାଚରିତ ଢଙ୍ଗରେ ଜିଲା ଦୌରାଜଜ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ କରିଦେବା ପରେ ଜିଲାର ଅନ୍ୟ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଆପଣାଛାଏଁ ବନ୍ଦ ରହିଥିଲା। ବ୍ୟାଙ୍କଗୁଡିକ ସମ୍ମୁଖରେ କର୍ମଚାରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚିଥିଲେ ମଧ୍ୟ ଭିତରକୁ ନ ଯାଇ ବିକ୍ଷୋଭକାରୀମାନଙ୍କୁ ଅପେକ୍ଷା କରି ରହିଥିବାର ଦୃଶ୍ୟ ସାଧାରଣରେ ଆଲୋଚନାର ବିଷୟ ପାଲଟିଥିଲା। ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବାବେଳେ ଗ୍ରାମାଞ୍ଚଳରେ ଏହାର କୌଣସି ପ୍ରଭାବ ଦେଖାଯାଇ ନ ଥିଲା। କିସାନ କଂଗ୍ରେସ ସଭାପତି ରଘୁନାଥ ପଲିଆଙ୍କ ନେତୃତ୍ୱରେ ବରିଷ୍ଠ ନେତା ଅଜିଜ୍ ଖାଁ, ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ପିସିସି ସଦସ୍ୟ ରାୟ ସଂଜିବ କୁମାର ଦେଓ, ସେବାଦଳ ସଭାପତି କନିଷ୍ଠ ରାଜହଂସ, ଜାମିନି ମୁଖୀ, ସଞ୍ଜିବ ପଣ୍ଡା, ଚିତ୍ତ ବେହେରା ପ୍ରମୁଖ ଦଳୀୟ କର୍ମୀମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସେହିପରି ହରଭଙ୍ଗା ବ୍ଲକରେ ଗାଡିମୋଟର ବନ୍ଦ ଥିବାବେଳ ସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ଖୋଲା ରହିଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପିକେଟିଂ କରାଯାଉଛି।

## ସୁବର୍ଣ୍ଣପୁରରେ ଭାରତ ବନ୍ଦ: ଜୀବନଯାତ୍ରା ପ୍ରଭାବିତ



ସୁବର୍ଣ୍ଣପୁର ଜିଲା ନ୍ୟାୟାଳୟ ସମ୍ମୁଖରେ ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି ।

**ସୋନପୁର, ୨୭।୯(ନି.ପ୍ର.)**

ଭାରତ ବନ୍ଦ ଡାକରାର ପ୍ରଭାବ ସୁବର୍ଣ୍ଣପୁର ଜିଲାରେ ଦେଖିବାକୁ ମିଳିଛି। ଜିଲା କୃଷକ ସଂଗଠନ, ଟ୍ରେଡ୍ ୟୁନିୟନ, କଂଗ୍ରେସ ଓ ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ସକାଳୁ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଆନ୍ଦୋଳନକାରୀ ସୋନପୁର ସହରର ତେଲନଦୀ ବ୍ରିଜ୍, ବ୍ଲକ ଛକ ଓ ବୁଢାରାଜା ଛକରେ ରାସ୍ତାରୋକୋ କରିଥିଲେ। ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ସଭାନେତ୍ରୀ ଜ୍ୟୋର୍ତିମୟୀ ରଥ, ସମ୍ପାଦିକା ନୁର ବିବିଙ୍କ ନେତୃତ୍ୱରେ ମହିଳାମାନେ କୋର୍ଟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲା କୃଷକ ସଂଗଠନ ସଭାପତି ବୈକୁଣ୍ଠ ନାଥ ଶତପଥୀଙ୍କ ନେତୃତ୍ୱରେ ଧରଣୀଧର ପାଢୀ, ରାଜେନ୍ଦ୍ର ପ୍ରଧାନ, ଗୋବିନ୍ଦ ମିଶ୍ର, ବୃନ୍ଦାବନ ପ୍ରଧାନ ଓ ସୁଧୀର ବଘାର ବ୍ଲକ ଛକଠାରେ ରାସ୍ତାରୋକ କରିଥିଲେ। ଟ୍ରେଡ୍ ୟୁନିୟନ ପକ୍ଷରୁ ଗୋବିନ୍ଦ ମହାରଣା, କର୍ଣ୍ଣରାଜ ପ୍ରଧାନ, କୁଶ ମହାକୁଡ, କୃଷ୍ଣଚନ୍ଦ୍ର କମ୍ପ ଓ ସୂର୍ଯ୍ୟକାନ୍ତ ରାଉଳ, କଂଗ୍ରେସ ଦଳ ପକ୍ଷରୁ ଗୌରିଶ୍ୟାମ ପଣ୍ଡା, ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ମାଧବ କୁମ୍ଭାର ଓ ସୁଧାର ପଣ୍ଡା ସାମିଲ ହୋଇଥିଲେ।

ବୀରମହାରାଜପୁରରେ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ମିଳିଛି। ସରକାରୀ କାର୍ଯ୍ୟାଳୟ, ଦୋକାନ, ବଜାର, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ବୀରମହାରାଜପୁର ମୁଖ୍ୟ ଛକରେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଥିଲେ। କୃଷକ ବିକାଶ ପରିଷଦର ନରୋତ୍ତମ ପଧାନ, ଧର୍ମେନ୍ଦ୍ର ମେହେର, ମୁକୁନ୍ଦ ବିଶ୍ୱାଳ, ନେତ୍ରାନନ୍ଦ ବେହେରା, କଂଗ୍ରେସ ଦଳର ପ୍ରିୟବ୍ରତ ସାହୁ, ରାଧାକାନ୍ତ ବାଗ ଓ ବସନ୍ତ ମହାକୁର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତରଭାରେ ଆଞ୍ଚଳିକ କୃଷକ ସଂଘ, କୃଷକ ଅଧିକାର ମଞ୍ଚ ଓ କଂଗ୍ରେସ ଦଳ ବନ୍ଦକୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଞ୍ଚଳିକ କୃଷକ ସଂଘ ସଭାପତି ସଦାନନ୍ଦ ପାଣିଗ୍ରାହୀ, କୃଷକ ଅଧିକାର ମଞ୍ଚର ମୁଖ୍ୟ ଭୋଳା କୁମାର ବର୍ମା, ଚାଷୀ ନେତା ମିତ୍ରବ୍ରତ ମିଶ୍ର, କଂଗ୍ରେସ ଦଳର ଶ୍ରୀତମ ଭୂଷଣ ଗୁରୁ, କାର୍ତ୍ତିକ ନାଗ, ବିଜୟ ଅଗ୍ରୱାଲା ଓ ଶଙ୍କର ମହଲା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବିନିକା ସହରରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା। ବ୍ଲକର ବାଙ୍କିଘିର୍ଡି, ବାବୁପାଲି, ବିଶାଳପାଲି ଓ ସିନ୍ଦୁରପୁରରେ ଦୋକାନ ଖୋଲା ଥିଲା। କଂଗ୍ରେସ ଦଳର ପ୍ରଦୀପ ସେଠୀ, ଗୋବିନ୍ଦ ଝାଙ୍କର, ସୁମନ୍ତ ସାହୁ ଓ ହରିହର ଚାନ୍ଦ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଡୁଙ୍ଗୁରିପାଲିରେ ଯାନବାହନ ଚଳାଚଳ, ଦୋକାନ ଓ ସରକାରୀ ଅଫିସ୍ ବନ୍ଦ ଥିଲା। କୃଷକ ନେତା ମୃତ୍ୟୁଞ୍ଜୟ ମିଶ୍ର, ବିପ୍ରଚରଣ ସାହୁ, ଲବ ପଧାନ ଓ ରମେଶ ଭୋଇ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଚୋରି ସାମଗ୍ରୀ କିଣି ୨ ଯୁବକ ଗିରଫ

ରାଉରକେଲା ଅଫିସ: ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ରାଉରକେଲା ସେକ୍ଟର-୧୫ ଥାନା ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଧୁସୁଦନପାଲିର ଆକାଶ ସୋନି (୨୪ ଓ ରାଜ କୁମାର ସାହୁ(୨୧) । ସେମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଗତ ୨୨ ତାରିଖରେ ୧୫ ନଂ. ସେକ୍ଟର ଅଞ୍ଚଳରେ ଥିବା ଆରଏସପି କ୍ୱାଟର୍ସରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଡାଲିନ ସିଦ୍ଦିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସିଦ୍ଦିକ ଚୋରି ସୁନା ଅଳଙ୍କାରକୁ ଆକାଶ ଓ ରାଜଙ୍କୁ ବିକ୍ରି କରିଥିବା ପୋଲିସ ରବିବାର ରାତିରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

**ସଂକ୍ଷେପରେ**

### ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀ ମୃତ

କୁଆଁରମୁଣ୍ଡା, ୨୭।୯(ଡି.ଏନ୍.ଏ.)
କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କଚାରୁ ନିକଟରେ ସୋମବାର ବିଦ୍ୟୁତ୍ ସଜାଡୁଥିବା ବେଳେ ବିଦ୍ୟୁତ୍ ଆଘାତରେ କୃଷ୍ଣ ଗୌଡ଼ (୨୩)ଙ୍କ ମୃତ୍ୟୁ ଘଟିଛି। ସେ ଏକ ଠିକା ସଂସ୍ଥା ପକ୍ଷରୁ ବିଦ୍ୟୁତ୍ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ।

### ବିଷପାନ କରି ମହିଳାଙ୍କ ମୃତ୍ୟୁ

ଲହୁଣୀପଡ଼ା,୨୭।୯(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ନନ୍ଦାପଡା ଗ୍ରାମର ଜନୈକା ବିବାହିତା ମହିଳା ସୋମବାର ବିଷପାନ କରି ମୃତ୍ୟୁବରଣ କରିଛନ୍ତି। ନନ୍ଦାପଡାର ଅଭିଜିତ ମୁଣ୍ଡା ୪ ବର୍ଷ ପୂର୍ବେ ଶଙ୍ଖପୋଷ ଗ୍ରାମର ଜାହ୍ନବୀ ମୁଣ୍ଡାଙ୍କୁ ବିବାହ କରିଥିଲେ। ଅଭିଜିତ କୋଇଡା ଅଞ୍ଚଳରେ ଗାଡି ଚାଳକ ଭାବେ କାମ କରନ୍ତି। ସେ ସୋମବାର ଘରେ ନ ଥିବାର ସୁଯୋଗ ନେଇ ଜାହ୍ନବୀ ବିଷପାନ କରି ଦେଇଥିଲେ। ପରିବାର ଲୋକ ଲହୁଣୀପଡ଼ା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପରିବାର ଲୋକ କେ.ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଜୁଆଆଡ୍ଡା ଉପରେ ଚଢ଼ାଉ, ୯ ଗିରଫ

ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର,୨୭।୯ (ଡି.ଏନ୍.ଏ.): ବ୍ରଜରାଜନଗର ପୋଲିସ ସୋମବାର ଏକ ଜୁଆଆଡ୍ଡା ଉପରେ ଚଢାଉ କରି ୯ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଇବ୍‌ପିଟ୍ ନୟାଧୌଡାର ରମେଶ ପ୍ରସାଦ, ଇବ୍‌ପିଟ୍ ଲମଟିବାହାଲର କୁନ୍ଦନ ସିଂହ, ରାଜ କିଶୋର ପ୍ରଧାନ, ଲମଟିବାହାଲ ଲକ୍ଷ୍ମଣ ଖଟାଲର ରାଜେଶ୍ୱର ରାୟ, ଗାନ୍ଧୀଛକ ଜଗନ୍ନାଥ କଲୋନୀର ହରେରାମ ପାଣ୍ଡେ, ଇଏସ୍ଆଇ ଛକର ନୃପ ତାଣ୍ଡି, ରାମପୁର କୋଲିଆରୀ ଇଟାଭଟାର ବିଜୟ ଦାସ ମହନ୍ତ, ଆଦର୍ଶ ନଗର କ୍ୱାର୍ଟର୍ସ ନଂ ଏମ୍କ୍ୟୁ ୮୯ ଶତ୍ରୁଘ୍ନ ଦାସ ଓ ଗଜପତିନଗରର ଅବତାର ସିଂହ। ଏମାନଙ୍କ ନିକଟରୁ ପୋଲିସ୍ ୪୪,୧୬୦ଟଙ୍କା ଓ ଓଆର୍୨୩ବି ୫୩୩୦, ଓଡି୨୩ସି-୧୦୭୭, ଓଡି୨୩ଜେଡ୍-୭୫୨୭ନଂ ବାଇକ୍, ୧୦ ମୋବାଇଲ୍ ଓ ତାସ୍ ଆଦି ଜବତ କରିଛି। ଏ ନେଇ ପୋଲିସ ବ୍ରଜରାଜନଗର ଥାନା (କେସ୍ ନଂ୧୭୮/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବ୍ରଜରାଜନଗର ଥାନା ସାନଯୋବ୍ସ୍ଥିତ ସୀତାରା ଛକରେଥିବା ଏକ ପୁରୁଣା ଗ୍ୟାରେଜରେ ଜୁଆଖେଳା ଚାଲିଥିବା ଖବର ପାଇ ପୋଲିସ ସଦଳବଳ ଚଢାଉ କରିଥିଲା।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଗିରଫ

ରାଉରକେଲା ଅଫିସ,୨୭।୯: ରାଉରକେଲା ସେକ୍ଟର-୭ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଆର୍ଏସ୍ପି କର୍ମଚାରୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ବରୁଣ ଦାସ(୫୬) । ଏ ନେଇ ଏକ ମାମଲା (ନଂ.୧୧୪/୨୧) ରୁଜୁ ହୋଇଛି। ସେକ୍ଟର-୭ ସ୍ଥିତ ସି/୧୧୧ କ୍ୱାର୍ଟରରେ ବରୁଣ ଦାସ ରୁହନ୍ତି । ରବିବାର ସକାଳେ ତାଙ୍କ ଘର ପଛପଟେ ରହୁଥିବା ଚାକରାଣୀ ବରୁଣଙ୍କ କାରକୁ ସଫା କରୁଥିଲେ। ଏହି ସମୟରେ ବରୁଣ ତାଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ସେଠାରୁ ଖସି ଯାଇ ଥାନାରେ ଅଭିଯୋଗ କରିଥିଲେ।

# ଡେବ୍ରିଗଡ଼ରେ ସ୍ପାଇଡର୍ ଟକ୍ କର୍ମଶାଳା

## ସଂରକ୍ଷଣ, ପରିବେଶରେ ପ୍ରଭାବକୁ ନେଇ ଚର୍ଚ୍ଚା

ସମ୍ବଲପୁର,୨୭।୯(ବ୍ୟୁରୋ):
ସମ୍ବଲପୁରର ଡେବ୍ରିଗଡ଼ ଅଭୟାରଣ୍ୟରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ସ୍ପାଇଡର୍ ଟକ୍ (ବୁଢ଼ିଆଣୀ ଆଲୋଚନା) ଉପରେ ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବେଶ ଓ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ପଦକ୍ଷେପ ନେଇ ଏଭଳି ଅଭିନବ ପ୍ରୟାସ କରାଯାଇଛି। ଏଥିରେ ଛାତ୍ରୀଛାତ୍ର, ପରିବେଶବିତ୍, ବନ୍ୟପ୍ରାଣୀ ଚିତ୍ର ଉତ୍ତୋଳନକାରୀ, ପର୍ଯ୍ୟଟକ, ଜନସାଧାରଣ ଓ ବନ କର୍ମଚାରୀ ଯୋଗଦେଇଥିଲେ। କର୍ମଶାଳାରେ ବୁଢ଼ିଆଣୀଙ୍କ ପ୍ରକାର, ପ୍ରଜାତି, ଜୀବନଶୈଳୀ, ବିଶେଷତ୍ୱ, ପ୍ରକୃତି ପାଇଁ ସେମାନଙ୍କ ଗୁରୁତ୍ୱ, ସଂରକ୍ଷଣ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ବୁଢ଼ିଆଣୀ ଉପରେ ଗବେଷଣା କରୁଥିବା ଡ. କିଲଶୟ ଦାସ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।

ଗବେଷକ ଡ. ଦାସ କହିଛନ୍ତି, ଭିମ୍ସାରରେ କାର୍ଯ୍ୟରତ ଥିବା ସମୟରେ ବୁଢ଼ିଆଣୀ ଉପରେ ଗବେଷଣା କରିବାର ଇଚ୍ଛା ହୋଇଥିଲା। ଡେବ୍ରିଗଡ଼ରେ ବୁଢ଼ିଆଣୀ ଉପରେ ଗବେଷଣା ଜାରି ରଖିଛି। ବୁଢିଆଣୀର ପରିବେଶ ଉପରେ ବେଶ୍ ପ୍ରଭାବ ରହିଛି। ଦେଶରେ ୨ ହଜାର ପ୍ରଜାତି ଓ ରାଜ୍ୟରେ ୨୫୦ ପ୍ରଜାତିର


ଡେବ୍ରିଗଡ ଅଭୟାରଣ୍ୟରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବୁଢ଼ିଆଣୀ ଥିବା ନେଇ ରେକର୍ଡ ରହିଛି। ଡେବ୍ରିଗଡ଼ରେ ଏପର୍ଯ୍ୟନ୍ତ ୫୦ରୁ ଅଧିକ ପ୍ରଜାତିର ବୁଢ଼ିଆଣୀ ଦେଖିବାକୁ ମିଳିଛି। ଏଠାରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରଜାତିର ବୁଢ଼ିଆଣୀ ଥିବା ଆଶା କରାଯାଉଛି। ଏହାକୁ ନେଇ ଗବେଷଣା ଓ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ଅନୁରୋଧ କରିଥିଲି। ଅନୁମୋଦନ ମିଳିବା ପରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ କର୍ମଶାଳା କରାଯାଇଛି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି, ବନ୍ୟପ୍ରାଣୀ ଓ ଜଙ୍ଗଲ ବିଷୟରେ ଯୁବବର୍ଗଙ୍କୁ ସଚେତନ କରିବା ପାଇଁ ପୂର୍ବରୁ ଅନେକ କାର୍ଯ୍ୟକ୍ରମ ହୋଇଥିଲା। ଏବେ ବୁଢ଼ିଆଣୀ ଉପରେ ସଚେତନ ଓ ସଂରକ୍ଷଣ କରିବା ଦିଗରେ ଏହି ଯୋଜନା କରାଯାଇଛି। ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ସାମିଲ କରାଯାଇଛି। କୋଭିଡ୍ କଟକଣା ପାଳନ କରି ଶନିବାର ଓ ରବିବାର ଦୁଇଦିନ ଧରି କର୍ମଶାଳା ଅନୁଷ୍ଠିତ ହୋଇଥିଲା।

# ଦେବଗଡ଼ରେ ବନ୍ଦ ପାଳନ

ଦେବଗଡ଼,୨୭।୯(ଡି.ଏନ.ଏ.)
ସର୍ବଭାରତୀୟ କୃଷକ ସଂଘ ଓ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତିର ଆହ୍ୱାନ କ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ୩ଟି କଳା କୃଷି ଆଇନ ପ୍ରତ୍ୟାହାର ଦାବି ଏବଂ ଚାଷୀ ବିରୋଧି ନୀତିର ପ୍ରତିବାଦରେ ସଂଯୁକ୍ତ କୃଷକ ସଂଘ ପକ୍ଷରୁ ସୋମବାର ୭ ଘଣ୍ଟିଆ ଦେବଗଡ଼ ବନ୍ଦ ପାଳନ କରଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କରଙ୍କ ନେତୃତ୍ୱରେ ସଂଘର ସଦସ୍ୟ ଏବଂ କର୍ମକର୍ତ୍ତାମାନେ ସ୍ଥାନୀୟ ରଜାମୁଣ୍ଡା ନିକଟସ୍ଥ ବାଇପାସ ଛକ ନିକଟରେ ୪୯ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ଅନୁରୂପ ଭାବେ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ନିଳବେଣ୍ଠୀ ସାହି ସ୍ଥିତ ବାଇପାସ ଛକରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ସହ ବସିରହି ରାସ୍ତାରୋକୋ ଆନ୍ଦୋଳନ କରିଥିଲେ । ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ ଓ ନଗର କଂଗ୍ରେସ ସଭାପତି ପ୍ରକାଶ ଦେବତାଙ୍କ ନେତୃତ୍ୱରେ ମଧ୍ୟ ବହୁ କଂଗ୍ରେସ ନେତା ଓ କର୍ମୀ କେନ୍ଦ୍ର ସରକାରଙ୍କ କୃଷି ଆଇନ ପ୍ରତିବାଦରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଜିଲା କୃଷକ ସଂଘ ପକ୍ଷରୁ କୃଷକ ଆନ୍ଦୋଳନ ପାଇଁଡାକବାଜିଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଥିବାରୁ ଯାତ୍ରୀବାହୀ ବସ ଓ ଅନ୍ୟାନ ଯାନବାହାନ ଗୁଡିକ ଆପଣା ଛାଏଁ ବନ୍ଦ ରହିଥିଲା।

# ସରତଳା ଫୁଟବଲ ଦଳ ଚାମ୍ପିୟନ

ଦେବଗଡ଼,୨୭।୯(ଡି.ଏନ.ଏ.)
ବାରକୋଟ ବ୍ଲକ ବସାଲଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଣ୍ଡାପିଠା ଗ୍ରାମର ବାମଣ୍ଡା ଅଗ୍ରଗତି କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ତ୍ରି ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସୁଗୁଡା ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୩-୨ ଗୋଲରେ ପରାସ୍ତ କରି ସରତଳା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ ଓ ବସାଲଇ ପଞ୍ଚାୟତର ସମିତି ସଦସ୍ୟ ଭରବଙ୍କନଶ୍ୱର ପ୍ରଧାନ ଯୋଗଦେଇ ଚାମ୍ପିୟନ ସରତଳା ଫୁଟବଲ ଦଳ ଏବଂ ରନର୍ସ ଅପ୍ ସୁଗୁଡା ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟର ମ୍ୟାଚଗୁଡିକୁ ରେଫରୀ ଭାବେ ରାଜକିଶୋର ପ୍ରଧାନ, ପ୍ରଦୀପ ସାହୁ ଓ ସାନି ତିର୍କୀ ପରିଚାଳନା କରିଥିଲେ।

# ସ୍କୁଲ ହଷ୍ଟେଲରେ ଛାତ୍ରଙ୍କ ଆତ୍ମହତ୍ୟା

କୁଆଁରମୁଣ୍ଡା,୨୭।୯(ଡି.ଏନ୍.ଏ.)
ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାକିସ୍ଥିତ ଶଙ୍ଖ-କୋଏଲ ତ୍ରିକୋଣଭୂମି ମଧ୍ୟରେ ଅବସ୍ଥିତ ସାଇଭ୍ୟାଲି ୱାର୍ଲଡ୍ ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ର ବେଡସିଟ୍ ବେକରେ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ହେଉଛନ୍ତି ରାଉରକେଲା ପାନପୋଷ ଅଞ୍ଚଳର ଲକ୍ଷ୍ମଣ ଗୁଡୁଙ୍କ ପୁତ୍ର ସିଦ୍ଧାର୍ଥ କୁମାର ଗୁଡୁ (୧୬)। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ସୋମବାର ସକାଳୁ କୁଆଁରମୁଣ୍ଡା ଫାଣ୍ଡିରେ ଜଣାଇବା ସହ ମୃତକଙ୍କ ପରିବାରକୁ ଖବର ଦେଇଛନ୍ତି। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସାଇଭ୍ୟାଲି ସ୍କୁଲରେ ପହଞ୍ଚି ସିଦ୍ଧାର୍ଥଙ୍କ ଝୁଲନ୍ତା ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏହା ସହ କିପରି ଓ କେଉଁ କାରଣରୁ ସିଦ୍ଧାର୍ଥ ସ୍କୁଲ ଭିତରେ ଆତ୍ମହତ୍ୟା କଲେ ତାହାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଅନ୍ୟ ପକ୍ଷରେ ସ୍କୁଲ ହଷ୍ଟେଲରେ ରହି ୧୦ମ ଶ୍ରେଣୀରେ ପଢୁଥିବା ସିଦ୍ଧାର୍ଥ ରବିବାର ରାତିରେ ଆତ୍ମହତ୍ୟା କରିବା ପୂର୍ବରୁ ସ୍କୁଲରେ କାର୍ଯ୍ୟରତ ରାତ୍ର ଜଗୁଆଳି ଓ କର୍ମଚାରୀମାନେ କାହିଁକି ଘଟଣା ବିଷୟରେ ଜାଣି ପାରିଲେ ନାହିଁ। ଏହା ସହ ରାତିରେ ଘଟଣା ଘଟିଥିବା ବେଳେ ପୋଲିସକୁ ସକାଳେ ଖବର ଦିଆଯିବା ନେଇ ଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ସ୍କୁଲର ସବୁ ସ୍ଥାନରେ ସିସି କ୍ୟାମେରା ଲାଗିଥିବାବେଳେ ଜଣେ ଛାତ୍ର ରାତିରେ ଏଭଳି ଚରମ ପଦକ୍ଷେପ ନେବା ପୂର୍ବରୁ ସିସିଟିଭି ଦାୟିତ୍ୱରେ ଥିବା କର୍ମଚାରୀ କ'ଣ କରୁଥିଲେ ତାହାକୁ ନେଇ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଥାଉକି,ଉକ୍ତ ଘରୋଇ ସ୍କୁଲରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଲକ୍ଷାଧିକ ଟଙ୍କା ଦେବାକୁ ପଡ଼ିଥାଏ। ହେଲେ ଏତେ ବଡ଼ ଦାମୀ ସ୍କୁଲରେ ରାତିରେ ଜଣେ ଛାତ୍ର ବେକରେ ବେଡ୍‌ସିଟ୍ ବାନ୍ଧି ଆତ୍ମହତ୍ୟା କରିବା ଘଟଣା ସ୍କୁଲର ସୁରକ୍ଷା ବ୍ୟବସ୍ଥା ପ୍ରତି ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଅଭିଭାବକ ତଥା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

## ବ୍ରାହ୍ମଣୀନଦୀ ପୋଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଦେବଗଡ଼,୨୭।୯ (ଡି.ଏନ.ଏ)
ବାରକୋଟ ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀ ମଧ୍ୟରୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ସୁନ୍ଦରଗଡ଼ ଜିଲା ଚାନ୍ଦୀପୋଷି ଥାନା ଅନ୍ତର୍ଗତ ଲୁଧୁଣି ଗ୍ରାମର ସୁଶାନ୍ତ ମୁଣ୍ଡା । ଗତ ଗୁରୁବାର ଠାରୁ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଥିଲେ ସୁଶାନ୍ତ। ପରିବାର ଲୋକ ଦ୍ୱାରା ମୃତଦେହ ଚିହ୍ନଟ ପରେ ବାରକୋଟ ଥାନା ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ରାଉରକେଲାରେ ବନ୍ଦ ଶାନ୍ତିପୂର୍ଣ୍ଣ

ରାଉରକେଲା ଅଫିସ,୨୭।୯
ଭାରତୀୟ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସୋମବାର ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ରାଉରକେଲାରେ ଦେଖିବାକୁ ମିଳିଥିଲା। ସହରର ପେଟ୍ରୋଲ ପମ୍ପ, ଦୋକାନ, ବଜାର, ବ୍ୟାଙ୍କ, ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ସକାଳ ୬ରୁ ଅପରାହ୍ନ ୪ଟା ଯାଏ ବନ୍ଦ ରହିଥିଲା। କଂଗ୍ରେସ, ବାମଦଳ, କୃଷକ ସଙ୍ଗଠନ ଓ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ବନ୍ଦ ଡାକରାକୁ ସମର୍ଥନ କରି ପିକେଟିଂ କରିଥିଲେ। ସିଟୁ ଓ ବାମଦଳର କର୍ମୀମାନେ ବିଭିନ୍ନ ମାର୍କେଟ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ପକ୍ଷରୁ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ଓବିସିସିଏଲ୍‌ର କର୍ମକର୍ତ୍ତାମାନେ ରଙ୍ଗିଲା ଓ ବେଦବ୍ୟାସ ଛକରେ ଯାନବାହନ ଚଳାଚଳ ବନ୍ଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବନ୍ଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ବିଭିନ୍ନ ଛକ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ବନ୍ଦ ଯୋଗୁ ବସ୍ ଓ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପଟେ ମେଡିସିନ ଦୋକାନ, ଡାକ୍ତରଖାନା ଭଳି ଅତି ଆବଶ୍ୟକ ସେବା ଉପରେ କୌଣସି କଟକଣା କରାଯାଇ ନ ଥିଲା। କଂଗ୍ରେସର ଜିଲା ସଭାପତି ଜର୍ଜ ତିର୍କୀ, ପୂର୍ବତନ ସଭାପତି ବୀରେନ ସେନାପତି, ନିରୁପମା ବଳିଆରସିଂ, ଆଏନଟିୟୁସି ସଭାପତି ନିହାର ରାୟ, ସଦାନନ୍ଦ ସାହୁ, ତଳସୀ ନାଥ, ସିଆଇଟିୟୁର ବିଷ୍ଣୁ ମହାନ୍ତି, ଓବିସିସିଏଲ ସଭାପତି ପରାଶ ଚନ୍ଦ୍ର ସାହୁ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ଭାରତ ବନ୍ଦକୁ ନେଇ ଭାଜପା ଜିଲା ମୁଖ୍ୟପାତ୍ର ଗଙ୍ଗାଧର ଦାସ କହିଛନ୍ତି, କୃଷି ଆଇନକୁ ନେଇ କୌଣସି ପ୍ରାସଙ୍ଗିକତା ନାହିଁ। କଂଗ୍ରେସ ଓ ବାମଦଳ ନିଜ ରାଜନୈତିକ ପତିଆରା ବଜାୟ ରଖିବା ସହ ମୋଦି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ଏହି ବନ୍ଦ ଷଡଯନ୍ତ୍ର କରିଛନ୍ତି। ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଦାସ ମତ ଦେଇଥିଲେ।

# ସୁନ୍ଦରଗଡ଼ରେ ଭାରତ ବନ୍ଦ, ଜନଜୀବନ ପ୍ରଭାବିତ

ସୁନ୍ଦରଗଡ/ସବ୍‌ଡ଼େଗା/ କୁଆଁରମୁଣ୍ଡା/ରାଜଗାଙ୍ଗପୁର/ ଲହୁଣୀପଡ଼ା, ୨୭।୯ (ଡି.ଏନ୍.ଏ)
କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସୋମବାର ଭାରତବନ୍ଦର ପ୍ରଭାବ ସୁନ୍ଦରଗଡ ଜିଲାରେ ଦେଖିବାକୁ ମିଳିଥିଲା। ଏଥିପାଇଁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିଲା ଜିଲା ସଦର ମହକୁମା ସୁନ୍ଦରଗଡରେ ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ ରହିଥିଲା। ସେହିପରି ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ବ୍ୟାଙ୍କ ,ପୋଷ୍ଟ ଅଫିସ୍, ବୀମା କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା। ଏହି ବନ୍ଦକୁ ଜିଲା କଂଗ୍ରେସ କମିଟି, ସିପିଆଇ ଓ ବିଭିନ୍ନ କୃଷକ ସଙ୍ଗଠନ ଗୁଡିକ ସମର୍ଥନ ଜଣାଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ , ଅଶୋକ କୁମାର ଦାଶ, ପ୍ରଣବ ସିଂ, ସତ୍ୟଜିତ ପଣ୍ଡା, ମନୋଜ


ସୁନ୍ଦରଗଡ଼ ଜିଲା କୋର୍ଟ ସମ୍ମୁଖରେ କଂଗ୍ରେସ ଓ ସିପିଆଇ ନେତାଙ୍କ ପିକେଟିଂ।

ମହାରଣା ପ୍ରମୁଖ ଜିଲା ଦୌରା ଜଜ୍‌ଙ୍କ କୋର୍ଟ ସମ୍ମୁଖରେ ଧାରଣା ଦେଇ ପିକେଟିଂ କରି ବନ୍ଦ ପାଇଁ ଅନୁରୋଧ କରିଥିଲେ। ଜିଲା କଂଗ୍ରେସର ସାଧାରଣ ସମ୍ପାଦକ କାଳୀପଦ ସାମଲ, ଶୁଭାଶୀଷ ବାନାର୍ଜୀ, ପର୍ଶୁରାମ ସରାଫ, ଟାଉନ ସଭାପତି ନେପାଳ ସାହୁ ପ୍ରମୁଖ ଦୋକାନ ବଜାର ବନ୍ଦ କରିଥିଲେ। ସବଡ଼େଗାରେ କୃଷକ ସଂଘ ସଭାପତି ଗୁଲଶନ ବାରୁଆଙ୍କ ନେତୃତ୍ୱରେ ମନୋଜ ପଟେଲ, ଶୁଭେନ୍ଦୁ ନାଏକ, ନାଜିର ହୁସେନ୍, ନରେନ୍ଦ୍ର ନାଏକ, ଡିସେମ୍ବର ନାଏକ, ଦିଲୀପ ଟେଟେ, ଫକୀର ଓରାମ, ତେଜରାଜ ପଟେଲଙ୍କ ସମେତ ବହୁସଂଖ୍ୟାରେ ଚାଷୀ ରାଜ୍ୟ ରାଜପଥ ୨୪କୁ ଅବରୋଧ କରିଥିଲେ। ବୀରମିତ୍ରପୁର ପୌରାଞ୍ଚଳ ସମେତ କୁଆଁରମୁଣ୍ଡା ଅଞ୍ଚଳରେ ବେଶ୍ ପ୍ରଭାବ ପକାଇଛି। ବୀରମିତ୍ରପୁରର ଆଦିବାସୀ ନେତା ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ରୋହିତ ଯୋଶେଫ ତିର୍କୀ ଓ ଅନ୍ୟମାନେ ରାଉରକେଲା ଠାରୁ କୁଆଁରମୁଣ୍ଡା, ବୀରମିତ୍ରପୁର ପର୍ଯ୍ୟନ୍ତ ଧର୍ମଘଟରେ ସାମିଲ କଂଗ୍ରେସ କର୍ମୀମାନଙ୍କର ନୈତିକ ମନୋବଳ ବଢାଇ ବନ୍ଦ କରିଥିଲେ। ରାଜଗାଙ୍ଗପୁର ଏସୟୁସିଆଇ ସାଧାରଣ ସମ୍ପାଦକ ଲେଲିନ ଟେଟେଙ୍କ ନେତୃତ୍ୱରେ ଜାତୀୟ ରାଜପଥ ନଂ ୧୦କୁ ଅବରୋଧ କରାଯାଇଥିଲା ଓ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡା ବାଇପାସ ଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ସମସ୍ତ ଟ୍ରେଡ଼ ୟୁନିୟନ ସମୂହ ଗଣ ସଙ୍ଗଠନ ଆହ୍ୱାନ କ୍ରମେ ସିପିଆଇଏମ ତରଫରୁ ଧର୍ମଘଟ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ସମ୍ପାଦକ ପ୍ରମୋଦ ସାମଲ, ଜିଲା ପରିଷଦ ଗୋପୀନାଥ ମାହାନ୍ତ, ଗୋପନା ପୂର୍ବତନ ସରପଞ୍ଚ ଶୁଶିଲା ମୁଣ୍ଡା, ଲହୁଣୀପଡ଼ା ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୂର ମାହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼: ୨ ଜଣଙ୍କ ନାଁରେ ମାମଲା

ଜମନକିରା, ୨୭।୯(ଡି.ଏନ.ଏ.):
ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ କଦଳୀପାଳ ଛକରେ ରବିବାର ସନ୍ଧ୍ୟାରେ ଜଣେ ଟ୍ରକ୍ ଚାଳକଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଦୁଇଜଣଙ୍କ ନାମରେ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଝାଡଖଣ୍ଡରୁ ଏକ ଟ୍ରକ୍ (ଏଚ୍ଆର୍୩୮ୱାଇ-୯୫୩୦) ପୁନେ ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ରବି କୁମାର (୨୬) ଓ ଶେଖ୍ ଅବତାବ (୨୫) ବାଇକ୍‌ରେ ଆସୁଥିବା ବେଳେ ଟ୍ରକ୍‌ଟି ରାସ୍ତାର ଏକ ଗର୍ତ୍ତରୁ ରକ୍ଷା ପାଇବା ପାଇଁ ବାଇକ୍ ପାଖାପାଖି ହୋଇଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦୁଇ ବାଇକ୍ ଆରୋହୀ ଟ୍ରକ୍‌କୁ ଅଟକାଇ ଚାଳକ ଝାଡଖଣ୍ଡର ସବିର (୨୬)ଙ୍କୁ ମାରପିଟ କରିବା ସହ ଛୁରିରେ ଆକ୍ରମଣ କରିଥିଲେ। ଅଭିଯୋଗ ପାଇ ଗୌଡ଼ପାଲି ଫାଣ୍ଡି ପୋଲିସ ରବି ଓ ଶେଖଙ୍କୁ ଜମନକିରା ଥାନାକୁ ଆଣି ପଚରାଉଚୁରା କରିଥିଲେ। ସୋମବାର ରାଜ୍ୟ ଚାଳକ ସଂଘର ଜମନକିରା ବ୍ଲକ୍ ସଭାପତି ପ୍ରମୋଦ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ ରକ୍ସା ୨୦ ଜଣ ସଭ୍ୟଙ୍କୁ ନେଇ ଥାନାରେ ପହଞ୍ଚିଥିଲେ। ଏ ନେଇ ଜମନକିରା ଥାନାରେ କେସ୍ ନଂ.୧୧୦/୨୧ରେ ମାମଲା ରୁଜୁ କରାଯାଇଛି। ରବି ଓ ଶେଖଙ୍କୁ ଚେତାବନୀ ଦେଇ ଛାଡ଼ିଦେଇଥିବା ପୋଲିସ କହିଛି।

# ଝାରସୁଗୁଡ଼ାରେ ବନ୍ଦ ଶାନ୍ତିପୂର୍ଣ୍ଣ

ଝାରସୁଗୁଡ଼ା ଅଫିସ,୨୭।୯:
କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚା ସୋମବାର ଭାରତ ବନ୍ଦ ଡାକରା ଦେଇଥିଲା। ଝାରସୁଗୁଡ଼ା ଜିଲା କୃଷକ ସଙ୍ଗଠନ ନେତୃତ୍ୱରେ ଜିଲାରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା। ଝାରସୁଗୁଡ଼ା ଷ୍ଟେଶନରେ ରେଲରୋକୋ ଯୋଗୁ ପୁରୀରୁ ହରିଦ୍ୱାର ଯାଉଥିବା ଉତ୍କଳ ଏକ୍ସପ୍ରେସ୍ କିଛି ସମୟପାଇଁ ଅଟକି ରହିଥିଲା । ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କଲାପରେ ଉକ୍ତ ଟ୍ରେନ୍ ଗନ୍ତବ୍ୟ ପଥରେ ବାହାରିଥିଲା। ଏଥିରେ ଜିଲା କୃଷକ ସଙ୍ଗଠନ ସାଧାରଣ ସମ୍ପାଦକ ସୁରେନ୍ଦ୍ର ସାହୁ, ଜିଲା କଂଗ୍ରେସ କମିଟି ସଭାପତି ଭରତ ଅବସ୍ଥୀ, ସମ୍ପାଦକ ମନିଷ ବାଜପେୟୀ, ସିପିଆଇ ଜିଲା ସମ୍ପାଦକ ସାରଙ୍ଗଧର ମିଶ୍ର, ସିପିଏମ୍ ଜିଲା ସମ୍ପାଦକ ଗୌରୀ ଶଙ୍କର ପାତ୍ର, ରମାକାନ୍ତ ସାହୁ, ରତ୍ନାକର ପ୍ରଧାନ, ସୀୟାରାମ ଦାସ ପ୍ରମୁଖ ସାମିଲ ହୋଇଥିଲେ। ବେଲପାହାଡ ପୌରାଞ୍ଚଳରେ କଂଗ୍ରେସ ଟାଉନ ସଭାପତି ଭାସ୍କର ପଟେଲଙ୍କ ନେତୃତ୍ୱରେ ବନ୍ଦ


ଝାରସୁଗୁଡା ଷ୍ଟେଶନରେ ଉତ୍କଳ ଏକ୍ସପ୍ରେସ ଟ୍ରେନ୍ ଅଟକାଇଛନ୍ତି ଆନ୍ଦୋଳନକାରୀ।

କରାଯାଇଥିଲା। ଲଖନପୁର ବ୍ଲକ୍ ୪୯ନଂ. ଜାତୀୟ ରାଜପଥ ବେହେରାଗୁଡା ଛକରେ ବ୍ଲକ କୃଷକ ସଙ୍ଗଠନ ନେତୃତ୍ୱରେ ରାସ୍ତା ଅବରୋଧ କରାଯାଇଥିଲା। ପରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କୃଷକ ସଙ୍ଗଠନ ଆବାହକ ବିରଞ୍ଚି ସାହୁ, ଗୋପୀନାଥ ମାଝି, ବେଣୁଧର ଭୋଇ, ଲିଙ୍ଗରାଜ ବଡେଇ, ସୁରେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚଗାଁ ଛକରେ ପଞ୍ଚାନନ ପ୍ରଧାନ, ଗିରିଶ କୁମାର ଖମାରୀ, ବିଜୟଲାଲ ବିଶ୍ୱାଳ, ହିମାଂଶୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ଏମ୍‌ସିଏଲ୍ ବନ୍ଧବାହାଲ ଅଞ୍ଚଳରେ କଂଗ୍ରେସ ତରଫରୁ ସୁବ୍ରତ ପ୍ରଧାନ, ପ୍ରଫୁଲ୍ଲ ରାୟ, ତପନ ଶତପଥୀ ପ୍ରମୁଖ ପିକେଟିଂ କରି ଦୋକାନ ବଜାର, ବନ୍ଦ କରିଥିଲେ। କୋଲାବିରା ବ୍ଲକ୍ ବଡବାହାଲ ଛକରେ ଗାୟତ୍ରୀ କୃଷକ ସଂଘ ତରଫରୁ ରାସ୍ତା ଅବରୋଧ କରାଯାଇଥିଲା । ଏଥିରେ ସଂଘ ସଭାପତି ଲକ୍ଷ୍ମଣ ସାହୁ, ସାଧାରଣ ସମ୍ପାଦକ ଚକ୍ରଧର ପ୍ରଧାନ, କୋଷାଧ୍ୟକ୍ଷ ଝସକେତନ ପ୍ରଧାନ ଯୋଗଦେଇଥିଲେ।

# କୃଷି ଆଇନ ବିରୋଧରେ ବନ୍ଦପାଳନ

ସମ୍ବଲପୁର,୨୭।୯(ବ୍ୟୁରୋ):
କେନ୍ଦ୍ର କୃଷି ଆଇନକୁ ବିରୋଧ କରି ଚାଷୀ ଆନ୍ଦୋଳନ ଜାରି ରହିଥିବାବେଳେ ସଂଯୁକ୍ତ କିସାନ ମୋର୍ଚ୍ଚା ଆହ୍ୱାନକ୍ରମେ ସୋମବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ସମ୍ବଲପୁର ଜିଲା କୃଷକ ସଙ୍ଗଠନ ସହିତ ବିଭିନ୍ନ ରାଜନୈତିକ ଦଳ ଓ ଟ୍ରେଡ୍ ୟୁନିୟନ ଏହାକୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ସକାଳ ୬ଟାରୁ ଅଇଁଠାପାଲି, ଧନୁପାଲି, ଗୋଲବଜାର, ଲକ୍ଷ୍ମୀଟକିଜ ଭଳି ପ୍ରମୁଖ ଛକରେ ବାଇକ୍ ରାଲି କରି ପିକେଟିଂ କରିଥିଲେ। କଚେରୀ ଛକରେ ବିଚାରପତିଙ୍କୁ ଅଟକାଇ କୋର୍ଟ କାର୍ଯ୍ୟରେ ଯୋଗ ନ ଦେଇ ଫେରିଯିବାକୁ ଅନୁରୋଧ କରିଥିଲେ। ସେହିପରି ଜିଲାପାଳ, ଆର୍‌ଡିସି ଅଫିସ ଆସି ପିକେଟିଂ କରି ଅଧିକାରୀ ଓ କର୍ମଚାରୀଙ୍କୁ ବାହାର କରିଥିଲେ। ଜରୁରୀ କାମରେ କିଛି ଯାନବାହନ ଚଳାଚଳ କରୁଥିଲା। ହେଲେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଯାତାୟାତ ଠପ ହୋଇଯାଇଥିଲା। ପରେ ଅଇଁଠାପାଲି ଥାନା ବରେଇପାଲି


ସମ୍ବଲପୁର-ବରଗଡ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି ଚାଷୀ।

ଆର୍‌ଏମ୍‌ସି ଅଫିସ ସମ୍ମୁଖ ୫୫ନଂ. ଜାତୀୟ ରାଜପଥକୁ ଜିଲା କୃଷକ ସଙ୍ଗଠନ ଅବରୋଧ କରିଥିଲା। କର୍ମକର୍ତ୍ତାମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୩ ଘଣ୍ଟା ଅବରୋଧ କରିଥିଲେ। ସେଠାରେ ଅନୁଷ୍ଠିତ ସମାବେଶରେ କୃଷକମାନଙ୍କ ସହିତ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ, ରାଜନୈତିକ ଦଳ ସାମିଲ ହୋଇଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ଉମେଶ ମିଶ୍ର, ହରିଶଙ୍କର ପୁରୋହିତ, ପ୍ରକାଶ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ବ୍ୟୋମକେଶ ଠାକୁର, ସରୋଜ ମହାନ୍ତି, ଗୋକୁଳ ମେହେର, ଆମ୍ ଆଦ୍‌ମୀ ପାର୍ଟିର ଭୁପେନ ସାହୁ, ବିଜେଡି ଯୁବନେତା ସଞ୍ଜିତ ମହାନ୍ତି, ମିଳନ ହୋତା, ସମାଜବାଦୀ ପାର୍ଟି କର୍ମକର୍ତ୍ତା ସାମିଲ ଥିଲେ। କଂଗ୍ରେସର ଜିଲା ସଭାପତି ଅଶ୍ୱିନୀ ଗୁରୁ, ସିପିଆଇ ନେତା ଆଶୋକ ବିଶି, ଏନ୍ ଗୋପାଲ, ଜିଲା ଓକିଲ ସଂଘ ଉପସଭାପତି ଚନ୍ଦ୍ରକାନ୍ତ ମହାନ୍ତି ସାମିଲ ଥିଲେ। ଜିଲାପାଳଙ୍କ ଅଫିସ ସମ୍ମୁଖରେ ରାଷ୍ଟ୍ରୀୟ ବୌଦ୍ଧ ମହାସଭା କର୍ମକର୍ତ୍ତାମାନେ ଧାରଣାରେ ବସିରହିଥିଲେ ।